# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୫୦ ◆ ଭୁବନେଶ୍ୱର ◆ ସୋମବାର ◆ ଅଗଷ୍ଟ ୦୩ରୁ ଅଗଷ୍ଟ ୦୯, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-50 ◆ Bhubaneswar ◆ Monday ◆ August 03 to August 09, 2026 ◆ Page-8 ◆ Price Rs.4.00


## ଆସୁଛନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,(ଜା.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ତିନିଦିନିଆ ଓଡ଼ିଶା ଗସ୍ତ କରୁଛନ୍ତି। ସେ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ଅବସରରେ ସେ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ଗସ୍ତ କରିବା ସହ ଗଞ୍ଜାମ ଜିଲ୍ଲାର ତପ୍ତପାଣି ମଧ୍ୟ ଯିବେ। ରାଷ୍ଟ୍ରପତି ସୋମବାର ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ଲୋକସେବା ଭବନ ଯାଇ କିଛି ସମୟ ରହିବେ। ସେହିଦିନ କଟକର ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୪ ତାରିଖ ସକାଳେ ରାଷ୍ଟ୍ରପତି ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ। ବ୍ରହ୍ମପୁର ରେଳଷ୍ଟେସନରେ ସକାଳ ୧୧ଟାରୁ ୧୧.୩୦ ମିନିଟ୍ ମଧ୍ୟରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ତପ୍ତପାଣି ମନ୍ଦିରକୁ ଯାଇ ସେଠାରେ ମା' କନ୍ଧୁଣୀ ଦେବୀଙ୍କର ମନ୍ଦିର ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ମା' କନ୍ଧୁଣୀ ଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଗୋପାଳପୁର ଆର୍ମି ଏଡି କଲେଜରେ ରାତ୍ର ଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୫ରେ ରାଷ୍ଟ୍ରପତି ଗୋପାଳପୁରରୁ ବ୍ରହ୍ମପୁର ରେଳ ଷ୍ଟେସନକୁ ଆସି ପୁଣି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱର ଫେରିବେ। ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ ଆକ୍ସନ୍ ମୋଡ୍‌ରେ କମିଶନରେଟ୍ ପୁଲିସ। କାରକେଡ୍ ରିହର୍ସାଲ୍ କରାଯିବା ସହ ଭୁବନେଶ୍ୱର ଓ କଟକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏୟାରପୋର୍ଟରୁ ରେଳ ଷ୍ଟେସନ ଏବଂ ରାଷ୍ଟ୍ରପତିଙ୍କ ଗସ୍ତ ରୁଟ୍‌ରେ ରହିବ ତ୍ରିସ୍ତରୀୟ ସୁରକ୍ଷା। ସୁରକ୍ଷା ଦାୟିତ୍ୱରେ ପ୍ରାୟ ୪୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ। ଡିସିପି ରାଙ୍କର ଅଧିକାରୀଙ୍କ ସହ ଏସ୍‌ପି ଓ ଏସିପି ରାଙ୍କର ଅଧିକାରୀମାନେ ରୁଟ୍ ଓ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ। ରାଷ୍ଟ୍ରପତିଙ୍କ କାରକେଡ୍ ର ମୁଭମେଣ୍ଟ, ରୁଟ୍ କ୍ଲିୟରାନ୍ସ, ଟ୍ରାଫିକ୍ ମ୍ୟାନେଜମେଣ୍ଟ ଓ ଆପାତକାଳୀନ ପରିସ୍ଥିତିରେ ପୁଲିସର ପ୍ରତିକ୍ରିୟା ସବୁ ଦିଗକୁ ନେଇ ରିହର୍ସାଲ୍ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷାରେ ଯେପରି କୌଣସି ତ୍ରୁଟି ନରହେ, ସେଥିପାଇଁ କମିଶନରେଟ୍ ପୁଲିସ ଫୁଲ୍ ପ୍ରୁଫ୍ ପ୍ରସ୍ତୁତି କରିଛି। ସେପଟେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟ୍ରେନ୍‌ରେ ଭୁବନେଶ୍ୱରରୁ ବ୍ରହ୍ମପୁର ଯାତାୟାତ କରୁଥିବା ଯୋଗୁଁ ରେଳ ବିଭାଗ ପକ୍ଷରୁ ମଧ୍ୟ ସମସ୍ତ ପ୍ରକାରର ସୁବିଧା ସହ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି।

### ଡ୍ରଗ୍ସ ମାଫିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ

# 'ନସୁଧୁରିଲେ ବୁଲ୍‌ଡୋଜର ଆକ୍ସନ୍'

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି। ଡ୍ରଗ୍ସ ମାଫିଆ ଏବେଠୁ ସୁଧୁରି ଯାଆନ୍ତୁ। ଯୁବସମାଜକୁ ନିଶା ବିଷ ଦେବାରୁ ନିବୃତ୍ତ ନରହିଲେ ବୁଲଡୋଜର ଆକ୍ସନ୍ ଭଳି ଅତ୍ୟନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚେତାବନୀ ଦେଇଛନ୍ତି। 'ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଏଭଳି ଚେତାବନୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ନିଶାମୁକ୍ତି ଅଭିଯାନ 'ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି। ଓଡ଼ିଶାରେ ମଧ୍ୟ ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ଦ୍ୱାରା ପରିଚାଳିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ



ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଦେଖିଥିଲେ।

ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ। ଏହାଛଡ଼ା ଯୁବପିଢ଼ିକୁ ରାଷ୍ଟ୍ର ନିର୍ମାଣର ପ୍ରମୁଖ କର୍ଣ୍ଣଧାର ଭାବେ ଅଭିହିତ କରି ନିଶାମୁକ୍ତ ସମାଜ ଗଠନ ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ର ମାଝୀ ଘୋଷଣା କରିଛନ୍ତି ଯେ, ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ। ନିଶା ଆଜି କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇ ରହିନାହିଁ, ବରଂ ଏହା ମାନସିକ ଓ ଶାରୀରିକ ସାମର୍ଥ୍ୟ ହ୍ରାସ କରିବା ସହ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି ଏବଂ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ବଡ଼ ପ୍ରତିବନ୍ଧକ ସାଜୁଛି। କୌଣସି ବି ଅଞ୍ଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସମ୍ପ୍ରତି ଯୁବ ସମାଜ ବ୍ରାଉନ୍ ସୁଗାର, କୋକେନ୍, ସିନ୍ଥେଟିକ୍ ଓ ଇଞ୍ଜେକ୍ଟିଙ୍ଗ୍ ଡ୍ରଗ୍ସ ଭଳି ମାରାତ୍ମକ ନିଶା ଆଡ଼କୁ ଜାଣିଶୁଣି ବା ସଙ୍ଗଦୋଷରୁ ଆକୃଷ୍ଟ ହେବା ନେଇ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି, ଯାହାର ପରିଣାମସ୍ୱରୂପ ଭୁବନେଶ୍ୱରରୁ ସିନ୍ଥେଟିକ୍ ଡ୍ରଗ୍ସ ଜବତ କରାଯିବା ସହ ବାଲେଶ୍ୱରରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଜୀବନ ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବାରୁ ସମସ୍ତ ଯୁବସାଥୀ 'ଡ୍ରଗ୍ସକୁ ନା କୁହ' ଶପଥ ନେଇ ନିଜକୁ ଏହି ନର୍କରୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।ମୁଖ୍ୟମନ୍ତ୍ରୀ ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ସଂଗଠନ, ଏନ୍‌ଏସ୍‌ଏସ୍, ମାଇଁ ଭାରତ ସ୍ୱେଚ୍ଛାସେବୀ, ଶିକ୍ଷାନୁଷ୍ଠାନ, ବେସରକାରୀ ସଂଗଠନ ଓ ଗଣମାଧ୍ୟମକୁ ଏକଜୁଟ ହୋଇ 'ନିଶାକୁ ନା ଏବଂ ଜୀବନ ଓ ପ୍ରଗତିକୁ ହଁ' ନାରା ସହ ଏହି ଜନ-ଆନ୍ଦୋଳନକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ଅଭିଭାଷଣରେ ଯୁବଶକ୍ତିର ସାମର୍ଥ୍ୟ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ, ମାଇଁ ଭାରତ ଯୁବ କ୍ଲବ, ଏନ୍‌ଏସ୍‌ଏସ୍ ଓ କ୍ରୀଡ଼ା ହଷ୍ଟେଲଗୁଡ଼ିକର ଛାତ୍ରଛାତ୍ରୀମାନେ ହିଁ ଏହି ନିଶାମୁକ୍ତି ଆନ୍ଦୋଳନର ପ୍ରମୁଖ ନାୟକ।ଏହି ଐତିହାସିକ ଅଭିଯାନକୁ ସମଗ୍ର ଓଡ଼ିଶାରେ ଅପୂର୍ବ ପ୍ରତିକ୍ରିୟା ମିଳିଛି। ରାଜ୍ୟର ୪୫୩ଟି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଏହାର ସିଧାପ୍ରସାରଣ କରାଯାଇଥିବା ବେଳେ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଓ ଯୁବପିଢ଼ି ଏକତ୍ରିତ ହୋଇ ଏହି ମହତ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଧନ୍ୟବାଦ ଦେଇଥିଲେ।

## ଟୁରିଷ୍ଟ ପ୍ଲେନ୍ କ୍ରାସ୍, ୧୩ ଦଗ୍ଧ

ଲିମା,(ଏଜେନ୍ସି): ଦକ୍ଷିଣ ପେରୁର ନାଜକା ଲାଇନ୍ସ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଉପରେ ଉଡ଼ାଣ ଭରୁଥିବା ଏକ ଛୋଟ ପର୍ଯ୍ୟଟକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଦୁଇ ପାଇଲଟଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଏହି ବିମାନରେ ୧୧ ଜଣ ଯାତ୍ରୀ ଏବଂ ଦୁଇଜଣ ପାଇଲଟ ଥିଲେ। ନାଜକା ସହରଠାରୁ ପ୍ରାୟ ୬ କିଲୋମିଟର ଏବଂ ନାଜକା ଲାଇନ୍ସଠାରୁ ପ୍ରାୟ ୧୨ କିଲୋମିଟର ଦୂରରେ ଥିବା ପୁଏବ୍ଲୋ ଭିଏଜୋ ଅଞ୍ଚଳରେ ଏହି ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଦୁଇଜଣ ଜର୍ମାନ, ଦୁଇଜଣ ସ୍ୱାନିସ୍ ଏବଂ ୭ ଜଣ ଇଟାଲୀୟ ପର୍ଯ୍ୟଟକ ଥିଲେ। ପର୍ଯ୍ୟଟକମାନଙ୍କୁ ନାଜକା ଲାଇନ୍ସର ଆକାଶପଥ ପରିଦର୍ଶନ ପାଇଁ ବିମାନଟି ଉଡ଼ାଣ ଭରିଥିଲା। ନାଜକା ଲାଇନ୍ସ ହେଉଛି ଶହ ଶହ ବର୍ଷ ପରୁଣା ପେରୁ ମରୁଭୂମିରେ ଖୋଦିତ ବିଶାଳ ଭୌଗୋଳିକ। ବିମାନଟି ଇକା ସହରରୁ ଉଡ଼ାଣ ଭରିଥିଲା। କିନ୍ତୁ ଉଡ଼ାଣ ଭରିବାର କିଛି ମିନିଟ୍ ମଧ୍ୟରେ କଣ୍ଟ୍ରୋଲ୍ ଟାୱାର ସହିତ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ହଠାତ୍ ବିମାନଟି ମଝି ଆକାଶରୁ ଖସିପଡ଼ିଥିଲା। ଆଉ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ପଛର ପ୍ରକୃତ କାରଣ ଜାଣିବା ପାଇଁ ସ୍ଥାନୀୟ ପୁଲିସ ଏବଂ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ବିମାନର ଇଞ୍ଜିନରେ କିଛି ତ୍ରୁଟି ଥିଲା ଅବା ଅନ୍ୟ କୌଣସି କାରଣରୁ ଦୁର୍ଘଟଣା ଘଟିଛି ତାହାର ତଦନ୍ତ ଜାରି ରହିଛି। ବିମାନଟି ପେରୁର ଏକ ଘରୋଇ ବିମାନ କମ୍ପାନୀ ଏରୋଡିଆନା ଦ୍ୱାରା ପରିଚାଳିତ ହେଉଥିଲା ।

## ଫେରୀରେ ନିଆଁ ଲାଗି ୫ ମୃତ

ମଦୁରା, (ଏଜେନ୍ସି): ଇଣ୍ଡୋନେସିଆର ମଦୁରା ଦ୍ୱୀପ ନିକଟରେ ରବିବାର ୨୭୧ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଫେରୀ(ବୋଟ୍) କେଏମପି ମୁଟିଆରା ସେଣ୍ଟୋସା-୨ରେ ହଠାତ୍ ନିଆଁ ଲାଗି ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪୧ ଜଣ ନିଖୋଜ ଅଛନ୍ତି। ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି।

ଫେରୀରେ ମୋଟ ୨୭୧ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ। ଏମାନଙ୍କ ମଧ୍ୟରୁ ୨୨୫ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ନିଖୋଜ ଲୋକଙ୍କ ସନ୍ଧାନ ଅଭିଯାନ ଜାରି ରହିଛି। ଫେରୀଟି ପୂର୍ବ ଜାଭା ପ୍ରଦେଶର ସୁରାବାୟା ସହରରୁ ଦକ୍ଷିଣ ସୁଲାୱେସିର ମାକାସାର ସହର ଅଭିମୁଖେ ଯାତ୍ରା ସମୟରେ ବାହାରିଥିଲା। ମାଦୁରା ଦ୍ୱୀପ ନିକଟ ସମୁଦ୍ର ଅଞ୍ଚଳରେ ଯାତ୍ରା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

ଅଧିକାରୀଙ୍କ କହିବା ଅନୁସାରେ, ନିଆଁ ଲାଗିବା ଘଟଣା ରବିବାର ସକାଳେ ହୋଇଥିଲା। କିନ୍ତୁ ଏହା ସ୍ପଷ୍ଟ ହୋଇପାରିନି ଯେ ଫେରୀରେ କିଭଳି ନିଆଁ ଲାଗିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ଯାଞ୍ଚ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ଅନୁସନ୍ଧାନ ଏବଂ ଉଦ୍ଧାକାରୀ ଏଜେନ୍ସି କହିଛି ଯେ, ସମୁଦ୍ରରେ ନିଖୋଜ ଲୋକଙ୍କ ତଲାସୀ ପାଇଁ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଅପରେସନ୍ ଲଗାତାର ଜାରି ରହିଛି। ଉଦ୍ଧାରକାରୀ ଦଳ ସମୁଦ୍ର କ୍ଷେତ୍ରରେ ବ୍ୟାପକ ସ୍ତରରେ ଅଭିଯାନ ଚଳାଇଛନ୍ତି। ଯାହାଫଳରେ ସବୁ ନିଖୋଜ ଲୋକଙ୍କ ତୁରନ୍ତ ପତ୍ତା ଲଗାଇ ହେବ।

ଜାତୀୟ ଚେତନା
JATIYA CHETANA



# ଅଜିତ ଡୋଭାଲଙ୍କୁ ଲୋକମାନ୍ୟ ତିଳକ ପୁରସ୍କାର



ନୂଆଦିଲ୍ଲୀ(ଏଜେନ୍ସି): ଯୁବପିଢ଼ିଙ୍କୁ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ବଡ଼ ପରାମର୍ଶ । ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାର-୨୦୨୬ରେ ସମ୍ମାନିତ ହେବା ପରେ ଘରେ ଅଜିତ ଡୋଭାଲ ଯୁବପିଢ଼ିଙ୍କୁ ଲୋକମାନ୍ୟ ତିଳକଙ୍କ ଜୀବନ ଓ ଆଦର୍ଶରୁ ପ୍ରେରଣା ନେବାକୁ ଆହ୍ୱାନ କରିଛନ୍ତି। ଏହି ସମାରୋହରେ ଅଜିତ ଡୋଭାଲଙ୍କୁ ପ୍ରଶଂସା କରିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ଗୃହମନ୍ତ୍ରୀ ଅମିତ ଶାହ ଅଜିତ ଡୋଭାଲଙ୍କୁ ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାର-୨୦୨୬ ରେ ସମ୍ମାନିତ କରିଥିଲେ। ପୁରସ୍କାର ଗ୍ରହଣ ପରେ ଅଭିଭାଷଣ ଦେଇ ଡୋଭାଲ କହିଥିଲେ, ଆଜିର ପିଢ଼ି ପାଇଁ ସ୍ୱାଧୀନତାର ପ୍ରକୃତ ଅର୍ଥ ବୁଝିବା ଅତ୍ୟନ୍ତ ଜରୁରୀ । ଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଭଳି ଦୃଢ଼ ନେତୃତ୍ୱ ମିଳିଥିବା ସୌଭାଗ୍ୟର ବିଷୟ। ଭାରତ ବର୍ତ୍ତମାନ ଆଭ୍ୟନ୍ତରୀଣ ଓ ବାହ୍ୟ-ଉଭୟ ପ୍ରକାରର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିଲେ ମଧ୍ୟ ଦ୍ରୁତ ଗତିରେ ପ୍ରଗତି କରୁଛି, ଯାହାକୁ ଅନେକ ବିରୋଧୀ ଈର୍ଷା କରୁଛନ୍ତି । ଏଣୁ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସର୍ବପ୍ରଥମେ ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି ସେ କହିଥିଲେ । ଡୋଭାଲ କହିଛନ୍ତି, ଆଜିର ଯୁବପିଢ଼ି ଭାରତ ସବୁବେଳେ ଏଭଳି ନ ଥିଲା ବୋଲି ଭାବିପାରନ୍ତି କିମ୍ବା ସ୍ୱାଧୀନତାକୁ ଇଚ୍ଛା ମୁତାବକ ଯାହା ଚାହିଁବେ ତାହା କରିବାର ସ୍ୱାଧୀନତା ବୋଲି ବୁଝିପାରନ୍ତି। କିନ୍ତୁ ସ୍ୱାଧୀନତାର ପ୍ରକୃତ ଅର୍ଥ ଏହା ନୁହେଁ। ଭାରତର ଯୁବପିଢ଼ିଙ୍କୁ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ଦେଶର ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଛନ୍ତି। ଭାରତକୁ ଏକ ବିଶ୍ୱଶକ୍ତି ଭାବେ ଗଢ଼ିତୋଳିବା ପାଇଁ ଯୁବପିଢ଼ିଙ୍କୁ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ହେବ ବୋଲି କହିଛନ୍ତି ଭାରତର ଭାରତର ଜେମ୍ସ ବଣ୍ଡ ଅଜିତ ଡୋଭାଲ। ସ୍ୱାଧୀନତା ସଂଗ୍ରାମ ସମୟର ଅସୀମ ବଳିଦାନକୁ ମନେ ପକାଇବାକୁ ସେ ଯୁବପିଢ଼ିଙ୍କୁ ଅନୁରୋଧ କରିଛନ୍ତି ।

# ଭୟଙ୍କର ପ୍ଲେନ କ୍ରାସ୍, ୧୩ ମୃତ

ନୂଆଦିଲ୍ଲୀ(ଏଜେନ୍ସି) : ପେରୁରେ ଏକ ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି । ଫଳରେ ବିଶ୍ୱ ପ୍ରସିଦ୍ଧ ନାଜକା ଲାଇନ୍ସକୁ ପର୍ଯ୍ୟଟକମାନଙ୍କୁ ନେଇ ଯାଉଥିବା ଏକ ପର୍ଯ୍ୟଟନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଏକ କ୍ଷେତରେ ଖସିପଡ଼ିଛି। ଭୂମିରେ ପଡ଼ିବା ମାତ୍ରେ ବିମାନଟି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ନିଆଁ ଲାଗି ଯାଇଥିଲା। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ, କିନ୍ତୁ କାହାକୁ ରକ୍ଷା କରାଯାଇ ପାରିନଥିଲା । ଫଳରେ ଏହି ପ୍ଲେନରେ ଥିବା ସମସ୍ତ ୧୩ ଜଣଙ୍କର ମୃତ୍ୟୁ ହୋଇଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଦୁର୍ଘଟଣାକୁ ସ୍ୱଷ୍ଟ କରିଛନ୍ତି । ସୂଚନାନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବିମାନଟି ନିକଟସ୍ଥ ଇକା ସହରରୁ ଉଡ଼ାଣ କରିଥିଲା। ଏହି ବିମାନଟି ପେରୁର ଏକ ଘରୋଇ ବିମାନ ଚଳାଚଳ କମ୍ପାନୀ ଏରୋଡିଆନା ଦ୍ୱାରା ପରିଚାଳିତ ହେଉଥିଲା । ପେରୁର ନାଜକାରେ ପର୍ଯ୍ୟଟକଙ୍କୁ ନେଇ ଯାଉଥିବାବେଳେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୧୧ ଜଣ ବିଦେଶୀ ପର୍ଯ୍ୟଟକ ଏବଂ ଦୁଇ ଜଣ କ୍ରାୟୁ ମେମ୍ବର ଥିଲେ । ମୃତ୍ୟୁବରଣ କରିଥିବା ୧୧ ଜଣ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ୭ ଜଣ ଇଟାଲୀ ନାଗରିକ୨ ଜଣ ଜର୍ମାନୀ ନାଗରିକ ଓ ୨ ଜଣ ସ୍ପେନ୍ ନାଗରିକ ଥିଲେ। ଅନ୍ୟପଟେ ଦୁର୍ଘଟଣାର କାରଣ ବର୍ତ୍ତମାନ ଅସ୍ପଷ୍ଟ ରହିଛି। ପେରୁର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିମାନ ଦୁର୍ଘଟଣାର ପରିସ୍ଥିତି ନିର୍ଣ୍ଣୟ କରିବା ପାଇଁ ଏକ ସ୍ୱତନ୍ତ୍ର ଦଳକୁ ଘଟଣାସ୍ଥଳରେ ମୁତୟନ କରାଯାଇଛି। ଏବେ ପେରୁ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ଏରୋଡିଆନା ପକ୍ଷରୁ ତୁରନ୍ତ କୌଣସି ସରକାରୀ ମନ୍ତବ୍ୟ ଦିଆଯାଇ ନାହିଁ। ସ୍ଥାନୀୟ ପ୍ରଶାସନ ମୃତଦେହଗୁଡ଼ିକୁ ଚିହ୍ନଟ କରିବା ଏବଂ ପରିବାର ସହିତ ଯୋଗାଯୋଗ କରିବା ପାଇଁ କାର୍ଯ୍ୟ କରୁଛି ।

# ମଝି ସମୁଦ୍ରରେ ଜଳିଗଲା ଯାତ୍ରୀବାହୀ ଫେରୀ, ୫ ମୃତ, ୪୧ ନିଖୋଜ

ନୂଆଦିଲ୍ଲୀ(ଏଜେନ୍ସି) : ମଝି ସମୁଦ୍ରରେ ଜଳିଗଲା ଯାତ୍ରୀବାହୀ ଫେରୀ, ୫ ମୃତ, ୪୧ ନିଖୋଜ। ଇଣ୍ଡୋନେସିଆ ମାଦୁରା ଦ୍ୱୀପ ନିକଟରେ ଘଟିଛି ଏ ବଡ଼ ଧରଣର ଅଘଟଣ । ଫେରୀରେ ନିଆଁ ଲାଗିଯିବାରୁ ୫ ଜଣଙ୍କର ମୃତ୍ୟୁ ହୋଇଛି। ୪୧ ଜଣ ନିଖୋଜ ଥିବାରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି । ସୂଚନା ଅନୁଯାୟୀ, ଏହି ଫେରୀରେ ୨୭୧ ଜଣ ଯାତ୍ରୀଙ୍କ ସହ କ୍ରୁ ମେମ୍ବର ଥିଲେ। ଇଷ୍ଟ ଜାଭାର ସୁରବାୟାଠାରୁ ଫେରୀଟି ଯାତ୍ରା ଆରମ୍ଭ କରି ଦକ୍ଷିଣ ସୁଲାୱେସିର ମକସରକୁ ଯାତ୍ରା କରୁଥିଲା। ଫେରୀରେ ନିଆଁ ଲାଗିଯିବା ପରେ ପ୍ରାୟ ୨୨୫ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଜାହାଜର କ୍ୟାପଟେନ ନିଆଁ ଲାଗିବା ସୂଚନା ଦେବା ମାତ୍ରେ ଏକ ବଡ଼ ଧରଣର ମିଳିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଫେରୀରୁ କଳାଧୂଆଁ ବାହାରିବାରୁ ଅନେକ ଅଣନିଶ୍ୱାସ ହୋଇପଡିଥିଲେ। ଫେରୀରେ ନିଆଁ ଲାଗିବା ପରେ ଅନେକ ଡଙ୍ଗାରୁ ଡେଇଁ ପଡିଥିଲେ। ନିକଟରେ ଥିବା ଅନ୍ୟ ଜାହାଜ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ।

# ୭ହଜାର ମିଟର ଉଚ୍ଚତାରେ ଭୂସ୍ଖଳନ, ଆଖିବୁଜିଲେ ପର୍ବତାରୋହୀ ନିର୍ମଳ ପୁର୍ଜା

କାଠମାଣ୍ଡୁ, ଇସଲାମାବାଦ,(ଏଜେନ୍ସି): ନେପାଳର ପ୍ରସିଦ୍ଧ ପର୍ବତାରୋହୀ ନିର୍ମଳ ପୁର୍ଜାଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଗତ ୬ ମାସ ମଧ୍ୟରେ ସେ ୧୪ଟି ସୁଉଚ୍ଚ ପର୍ବତାରୋହଣ କରିସାରିଥିବା ବେଳେ ସମ୍ପ୍ରତି ସେ ପାକିସ୍ତାନ ସ୍ଥିତ ୮ହଜାର ମିଟରରୁ ଉଚ୍ଚ ବ୍ରଡ୍ ପିକ୍ ଆରୋହଣ କରୁଥିଲେ। ତେବେ ଦୁର୍ଭାଗ୍ୟବଶତଃ ଏଠାରେ ଘଟିଥିବା ଏକ ହିମସ୍ଖଳନରେ ସେ ପ୍ରାଣ ହରାଇଛନ୍ତି। ତାଙ୍କ ଦେହାନ୍ତ ସମ୍ପର୍କରେ ତାଙ୍କ ନିଜ ପର୍ବତାରୋହଣ କମ୍ପାନୀ 'ଏଲାଇଟ୍ ଲିଟ୍ ଏକ୍ସପେଡିସନ୍' ସୂଚନା ଦେଇଛି। ରିପୋର୍ଟ ଅନୁସାରେ ନିର୍ମଳ ପୁର୍ଜା ଜୁଲାଇ ୩୦ରୁ କାରାକୋରମ ଅଞ୍ଚଳରେ ଥିବା ୮,୦୫୧ ମିଟର ଉଚ୍ଚ ବ୍ରଡ୍ ପିକ୍ ଶୃଙ୍ଗ ଆରୋହଣ କରୁଥିଲେ। ସେ ଏହି ଗିରିଶୃଙ୍ଗର ପ୍ରାୟ ୭,୦୦୦ ମିଟର ଉଚ୍ଚତାରେ ପହଞ୍ଚିସାରିଥିବା ବେଳେ ଏଠାରେ ଭୂସ୍ଖଳନ ହେବା ଆରମ୍ଭ ହୋଇଥିଲା ଏବଂ ସେ ଏହାର ଶିକାର ହୋଇଥିଲେ। ହିମସ୍ଖଳନ ପରେ ନିର୍ମଳ ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀ ନିଖୋଜ ହୋଇଯାଇଥିଲେ। ଏମାନଙ୍କ ମଧ୍ୟରେ ଛଅ ଜଣ ନେପାଳୀ ପର୍ବତାରୋହୀ ମଧ୍ୟ ସାମିଲ ଥିଲେ।

୨୫ ଜୁଲାଇ ୧୯୮୩ରେ ନେପାଳର ମ୍ୟାଗ୍ଦି ଜିଲ୍ଲାସ୍ଥିତ ଦାନା ଗାଁରେ ଜନ୍ମିତ ନିର୍ମଳ ପୁର୍ଜା ନେପାଳ ଓ ସାରା ବିଶ୍ୱର ପର୍ବତାରୋହୀଙ୍କ ମଧ୍ୟରେ 'ନିମ୍ସ ଦାଇ' ନାମରେ ପ୍ରସିଦ୍ଧ ଥିଲେ। ବିଶ୍ୱର ସୁଉଚ୍ଚ ଗିରିଶୃଙ୍ଗ ଚଢ଼ିବାର ଆଗ୍ରହ କାରଣରୁ ସେ ବ୍ରିଟିଶ ସେନାର ଗୋର୍ଖା ରେଜିମେଣ୍ଟରୁ ଇସ୍ତଫା ଦେଇଥିଲେ। ପରେ ଅର୍ଥାତ୍ ୨୦୧୯ରେ ନିର୍ମଳ ପୁର୍ଜା 'ପ୍ରୋଜେକ୍ଟ ପସିବଲ୍'ର ଶୁଭାରମ୍ଭ କରିଥିଲେ। ତାଙ୍କର ଲକ୍ଷ୍ୟ ଥିଲା ବିଶ୍ୱର ୮,୦୦୦ ମିଟରରୁ ଉଚ୍ଚ ସମସ୍ତ ୧୪ଟି ଶୃଙ୍ଗକୁ କେବଳ ସାତ ମାସ ମଧ୍ୟରେ ଫତେ କରିବା। ସେହି ସମୟରେ ଏହାକୁ ପ୍ରାୟ ଅସମ୍ଭବ ବୋଲି ମନେ କରାଯାଉଥିଲା। କିନ୍ତୁ ସେ ଏହି କାରନାମା ମାତ୍ର ଛଅ ମାସ ଛଅ ଦିନରେ ପୂରା କରିଦେଇଥିଲେ। ଏହା ସହିତ ସେ ଦକ୍ଷିଣ କୋରିଆର ପର୍ବତାରୋହୀ କିମ୍ ଚାଙ୍ଗ-ହୋ'ଙ୍କ ପ୍ରାୟ ୮ ବର୍ଷ ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିଥିଲେ। ତେବେ ଏବେର ଏହି ଆରୋହଣର ସବୁଠାରୁ ବଡ଼ ବିଶେଷତ୍ୱ ଥିଲା ଯେ, ନିର୍ମଳ ପୁର୍ଜା ପାକିସ୍ତାନର ପାଞ୍ଚଟିଯାକ ୮,୦୦୦ ମିଟରରୁ ଉଚ୍ଚ ଶୃଙ୍ଗ (ନଙ୍ଗା ପର୍ବତ, ଗାଶରବ୍ରୁମ୍-୨, ଗାଶରବ୍ରୁମ୍-୧, ବ୍ରଡ୍ ପିକ୍ ଓ କେ-୨) କେବଳ ୨୬ ଦିନରେ ଫତେ କରି ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ଗଢ଼ିଥିଲେ।

# କାଶ୍ମୀରରେ ୨ ହିନ୍ଦୁ ଶ୍ରମିକଙ୍କୁ ହତ୍ୟା

ଶ୍ରୀନଗର,(ଏଜେନ୍ସି): କାଶ୍ମୀରରେ ଛତିଶଗଡ଼ର ୨ ହିନ୍ଦୁ ଶ୍ରମିକଙ୍କୁ ସେମାନଙ୍କ ନାମ ପଚାରି ହତ୍ୟା କରିଛନ୍ତି ଆତଙ୍କବାଦୀ। ରିପୋର୍ଟ ଅନୁସାରେ ଛତିଶଗଡ଼ର ଦୁଇ ଯୁବକ ଦୀପକ ରାତ୍ରେ (୨୧) ଏବଂ ଭୂପେନ୍ଦ୍ର ଭୈନା (୨୮), ଦକ୍ଷିଣ କାଶ୍ମୀରର କୁଲଗାମ୍ ଅଞ୍ଚଳରେ ଦିନ ମଜୁରିଆ (ଶ୍ରମିକ) ଭାବେ ଦୀର୍ଘଦିନ ଧରି କାମ କରୁଥିଲେ। ତେବେ ଶୁକ୍ରବାର ରାତିରେ ଏଠାରେ ଏକ ନିର୍ମାଣାଧୀନ ବିଲ୍ଡିଂର କାମ ଚାଲିଥିବା ବେଳେ ଏହି ଦୁଇ ଶ୍ରମିକ ଆତଙ୍କବାଦୀଙ୍କ ଶିକାର ହୋଇଛନ୍ତି। ଗୁପ୍ତଚର ସୂତ୍ରରୁ ମିଳିଥିବା ସୂଚନାନୁସାରେ ଏହି ୨ ହିନ୍ଦୁ ଶ୍ରମିକଙ୍କୁ ଆତଙ୍କବାଦୀ ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆରଏଫ୍)ର ଆତଙ୍କୀମାନେ ହତ୍ୟା କରିଥିବା ବେଳେ ଏହା ପଛରେ ଲସ୍କର ଆତଙ୍କୀ ମହମ୍ମଦ ଲତିଫ୍‌ର ହାତ ରହିଛି। ଏହି ଫ୍ରଣ୍ଟ ଲସ୍କର-ଏ-ତୋଏବାର ସହ ଜଡ଼ିତ। ଜୁଲାଇ ୨୨ ରେ ଅନନ୍ତନାଗର ଲାଲ୍ ଚୌକ ଅଞ୍ଚଳରେ ହେଡ୍ କନଷ୍ଟେବଲ ଆଶିକ୍ ହୁସେନ୍ କୁରେଶୀଙ୍କୁ ଦିନ ଦ୍ୱିପ୍ରହରରେ ଗୁଳି କରି ହତ୍ୟା କରାଯିବା ଘଟଣାରେ ଲତିଫ୍‌ର ସମ୍ପୃକ୍ତି ସ୍ପଷ୍ଟ ହୋଇଛି।

## ଆଣ୍ଟି ପେପର୍ ଲିକ୍ ସଂଶୋଧନ ବିଲ୍

# ମିଳିଲା ରାଷ୍ଟ୍ରପତିଙ୍କ ସ୍ୱୀକୃତି, ଲାଗୁ ହେଲା ଆଇନ୍




ନୂଆଦିଲ୍ଲୀ,(ଏଜେନ୍ସି): ଅଗଷ୍ଟ ପହିଲାରୁ ହିଁ ଦେଶରେ ପରୀକ୍ଷା ସମ୍ବନ୍ଧିତ ଆଣ୍ଟି ପେପର୍ ଲିକ୍ ସଂଶୋଧିତ ଆଇନ ଲାଗୁ ହୋଇଛି। ସୂଚନାନୁସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ବିଲ୍‌କୁ ସ୍ୱୀକୃତି ପ୍ରଦାନ ବା ଅନୁମୋଦନ କରିଛନ୍ତି। ଫଳରେ ଏହି ବିଲଟି ଆଜି ଦିନରୁ ହିଁ ଆଇନ୍‌ରେ ପରିଣତ ହୋଇଯାଇଛି। ପରୀକ୍ଷା ସମ୍ବନ୍ଧୀୟ ଅନିୟମିତତା କ୍ଷେତ୍ରରେ ଏହି ଆଇନ୍‌ରେ ଅନେକ କଠୋର ଦଣ୍ଡବିଧାନ କରାଯାଇଛି, ଯାହାଫଳରେ ଦୋଷୀଙ୍କୁ ଦ୍ରୁତ ତଥା ଉଚିତ୍ ଦଣ୍ଡବିଧାନ କରାଯାଇପାରିବ।

ସର୍ବପ୍ରଥମେ ସଂସଦର ନିମ୍ନ ସଦନ ଅର୍ଥାତ୍ ଲୋକସଭାରେ ଏହି ବିଲ୍ ପାରିତ ହୋଇଥିଲା ଏବଂ ୩୦ ତାରିଖରେ ଏହାକୁ ରାଜ୍ୟସଭାରେ ଉପସ୍ଥାପନ କରାଯାଇଥିଲା। ତେବେ ରାଜ୍ୟସଭାରେ ପାରିତ ହେବାମାତ୍ରେ ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ଅପରପକ୍ଷେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଏଦିଗରେ ତତ୍ପରତା ପ୍ରକାଶ କରିବା ସହ ଏହାକୁ ଅନୁମୋଦନ ଦେଇଛନ୍ତି।

ସଦ୍ୟ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଦର୍ଶାଇଥିଲା ଯେ, ଚଳିତ ସପ୍ତାହ ଆରମ୍ଭରେ ସଂସଦର ଉଭୟ ଗୃହରେ ପାରିତ ହେବା ପରେ 'ଲୋକ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ, ୨୦୨୬' କୁ ରାଷ୍ଟ୍ରପତି ମଞ୍ଜୁରୀ ଦେଇଛନ୍ତି। କେନ୍ଦ୍ର ସରକାର କହିଛନ୍ତି ଯେ, ଏହି ସଂଶୋଧନଗୁଡ଼ିକ ସାଧାରଣ ପରୀକ୍ଷାର ସ୍ୱଚ୍ଛତାକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ବିରୋଧୀ ଇଣ୍ଡି ମେଣ୍ଟର କେତେକ ବିରୋଧୀ ଦଳର କାଟଛାଣ୍ଟ/ୱାକ୍-ଆଉଟ୍ ମଧ୍ୟରେ ଗୁରୁବାର ରାଜ୍ୟସଭାରେ ଏହି 'ଲୋକ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ, ୨୦୨୬' ବାଚନିକ ଭୋଟ୍ ମାଧ୍ୟମରେ ପାରିତ ହୋଇଥିଲା।

ସଂସଦର ଉଭୟ ଗୃହରେ ଏହି ବିଲ୍ ପାରିତ ହେବା ପରେ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇନଷ୍ଟାଗ୍ରାମ୍‌ରେ ଏକ ଭିଡିଓ ବାର୍ତ୍ତା ସେୟାର କରି କହିଥିଲେ ଯେ 'ପେପର ଲିକ୍ ବିରୋଧରେ କଠୋର ଆଇନ ପ୍ରଣୟନ କରିବାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପେପର ଲିକ୍ ଏବଂ ପରୀକ୍ଷା ଅନିୟମିତତା ରୋକିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ମାଧ୍ୟମରେ ପରୀକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଜରୁରୀ ହୋଇପଡ଼ିଥିଲା। କୌଣସି ପେପର-ଲିକ୍ ମାଫିଆ ଯେପରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ନ ଖେଳନ୍ତି, ତାହା ସୁନିଶ୍ଚିତ କରିବାକୁ ସରକାର କାର୍ଯ୍ୟ କରୁଛନ୍ତି।'

ସୂଚନାଯୋଗ୍ୟ, ଏହି ନୂଆ ଆଇନ ଅଧୀନରେ ପେପର ଲିକ୍ କିମ୍ବା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ପାଇଁ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ କରାଯିବ। ସେହିପରି ସଂଗଠିତ ଅପରାଧୀ ଅର୍ଥାତ୍ ପେପର ଲିକ୍ ମାଫିଆ/ଅପରାଧ ପାଇଁ ସର୍ବନିମ୍ନ ୭ ବର୍ଷ ଜେଲ୍ ଦଣ୍ଡ ଏବଂ ଅନ୍ତତଃ ୧୦ କୋଟି ଟଙ୍କାର ଜୋରିମାନା ବ୍ୟବସ୍ଥା ରହିଛି। ଏତଦ୍‌ବ୍ୟତୀତ ଦୋଷୀଙ୍କ ବିରୋଧରେ ଦ୍ରୁତ ଶୁଣାଣି ପାଇଁ ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ, ନବଗଠିତ ଏସ୍‌ଟିଏଫ୍ ଟିମ୍ ଅଧୀନରେ ତଦନ୍ତ ଆଦି ପ୍ରକ୍ରିୟାର ମଧ୍ୟ ପ୍ରାବଧାନ କରାଯାଇଛି। ସବୁଠୁ ବଡ଼କଥା, ୨୦୨୪ ଆଇନରେ ପେପର ଲିକ୍ ମାମଲାର ତଦନ୍ତ ସମାପ୍ତ କରିବା ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇନଥିଲା, କିନ୍ତୁ ଏବେ ନୂତନ ସଂଶୋଧିତ ଆଇନରେ ତଦନ୍ତ ୨ ମାସ ମଧ୍ୟରେ ସମାପ୍ତ ହେବ ଏବଂ ଦୈନିକ ଶୁଣାଣି ଆଧାରରେ ୯୦ ଦିନ ମଧ୍ୟରେ ବିଚାର ସମାପ୍ତ ହେବାର ନିୟମ ରହିଛି।

ଜାତୀୟ ଚେତନା
JATIYA CHETANA



# ଆଉ ନାହିଁ ବନ୍ୟା ଆଶଙ୍କା: ମହାନଦୀ ସହ ଅନ୍ୟ ନଦୀରେ ବନ୍ୟା ଆଶଙ୍କା ଟଳିଛି

ଭୁବନେଶ୍ୱର,(ଜା.ପ୍ର): ଆଉ ବନ୍ୟା ଆଶଙ୍କା ନାହିଁ। ମହାନଦୀ ସହ ଅନ୍ୟ ନଦୀ ମାନଙ୍କରେ ବନ୍ୟା ଆଶଙ୍କା ଟଳିଛି। ସ୍ଥିତି ସମୀକ୍ଷା କରି ଏହା କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ। ଏହା ସହିତ କେଉଁ କାରଣ ପାଇଁ ପରିସ୍ଥିତି ହୋଇଥିଲା ସ୍ପଷ୍ଟ କରିଛନ୍ତି ଶ୍ରୀ ରାଉତ। ବନ୍ୟା ସ୍ଥିତିକୁ ଶ୍ରୀ ରାଉତ କହିଛନ୍ତି ଯେ ଜୁନ୍‌ରେ ୪୭ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଜୁଲାଇରେ କିନ୍ତୁ ସ୍ୱାଭାବିକଠାରୁ ୩୮ ପ୍ରତିଶତ ଅଧିକ ବର୍ଷା ହୋଇଛି। କିଛି ସ୍ଥାନରେ କମ୍ ସମୟ ମଧ୍ୟରେ ୨ଶହ ମିମି ବର୍ଷା ହୋଇଥିଲା। ଯେଉଁଥି ପାଇଁ ବନ୍ୟା ହେଲା ବୋଲି ଶ୍ରୀ ରାଉତ କହିଛନ୍ତି। ତେବେ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଛି ।



ବୈତରିଣୀରେ କିନ୍ତୁ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି। ବନ୍ୟା ସ୍ଥିତିକୁ ନେଇ ଶ୍ରୀ ରାଉତ କହିଛନ୍ତି ଯେ ବର୍ତ୍ତମାନ ଆମର ଅଧିକ ଫୋକସ ମହାନଦୀ ଏବଂ ହୀରାକୁଦ ଉପରେ ରହିଛି। ତଳମୁଣ୍ଡରୁ ବନ୍ୟାଜଳ ନିଷ୍କାସନ ହେବା ପରେ ଯେଉଁ ବନ୍ୟାଜଳ ଆମେ ପାଇଥିଲେ, ତେଲ୍ ଏବଂ ହୀରାକୁଦ ଏବଂ ମୁଣ୍ଡଲୀ ଭିତରେ ଯେଉଁ ବର୍ଷା ହୋଇଥିଲା ତାହା କମିବା ପରେ ଆମେ ହୀରାକୁଦରୁ ପାଣି ଛାଡ଼ିବା ଆରମ୍ଭ କରିଥିଲୁ। ୨୨ଟି ଗେଟ୍ ଖୋଲା ଯାଇଥିଲା। ହୀରାକୁଦ ୱାଟର ଲେବୁଲ୍ କମିଛି । ବର୍ତ୍ତମାନ ତାହା ୬୨୩.୬୯ ଫୁଟରେ ଅଛି। ଏହା ଧୀରେ ଧୀରେ କମୁଛି। ଆକଳନ ସୁଦ୍ଧା ୪ତାରିଖ ଭିତରେ ଏହାକୁ ଆମେ ୬୧୫ ଫୁଟ୍ କମାଇବୁ ବୋଲି ଶ୍ରୀ ରାଉତ କହିଛନ୍ତି। ଏଣେ ହୀରାକୁଦ ଜଳଭଣ୍ଡାରକୁ ୨ ଲକ୍ଷ ୧୨ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଛି। ୩ ଲକ୍ଷ ୮୩ ହଜାର କ୍ୟୁସେକ୍ ଜଳ ଡ୍ୟାମ୍‌ରୁ ନିଷ୍କାସିତ ହେଉଛି। ଯେତିକି ଜଳ ଆମେ ପାଉଛେ ଜଳଭଣ୍ଡାର ଭିତରକୁ ତାର ଦେଢଗୁଣା ଜଳ ଆମେ ନିଷ୍କାସିତ କରୁଛୁ। ତେଣୁ ହୀରାକୁଦ ଜଳ ଧୀରେ ଧୀରେ କମୁଛି ବୋଲି ଶ୍ରୀ ରାଉତ କହିଛନ୍ତି। ମହାନଦୀ ବନ୍ୟା ଆଶଙ୍କା ଟଳିଛି। ଜଳସ୍ତର ଦ୍ରୁତ ଗତିରେ ଖସୁଛି। ଶନିବାର ସନ୍ଧ୍ୟା ୬ଟାବେଳେ ମୁଣ୍ଡଳିରେ ୫.୫୯ ଲକ୍ଷ ଘନଫୁଟ (କ୍ୟୁସେକ) ପାଣି ଚାଲିଥିଲା । ଖଇରମାଳରେ ୫.୩୪ ଲକ୍ଷ ଘନଫୁଟ ଓ ବରମୂଳରେ ୪.୭୨ ଲକ୍ଷ ଘନଫୁଟ ପାଣି ପ୍ରବାହିତ ହେଉଥିଲା । ହୀରାକୁଦରେ ୩ଟି ଗେଟ ବନ୍ଦ କରାଯାଇଛି। ଫଳରେ ୧୯ଟି ଗେଟ ଦେଇ ପାଣି ଛଡ଼ାଯାଉଛି। ଜଳଭଣ୍ଡାରକୁ ଉପରମୁଣ୍ଡରୁ ପ୍ରବେଶ କରୁଥିବା ପାଣି ପ୍ରବାହ ବି କମିଛି। ଶନିବାର ସକାଳ ୬ଟାରେ ୪ ଲକ୍ଷ ୧୫ ଘନଫୁଟ ପାଣି ପ୍ରବେଶ କରୁଥିଲା। କ୍ରମଶଃ ଏହା କମିବାରେ ଲାଗିଛି। ସନ୍ଧ୍ୟା ୬ଟାରେ ପ୍ରବେଶ କରୁଥିଲା ୨ ଲକ୍ଷ ୮୪ ହଜାର ଘନଫୁଟ ପାଣି । ୨୨ଟି ଗେଟ ଦେଇ ହୀରାକୁଦରୁ ୩ ଲକ୍ଷ ୮୬ ହଜାର ୪୨୧ ଘନଫୁଟ ପାଣି ଛଡ଼ାଯାଉଛି । ଗତକାଲି ହୀରାକୁଦ ଜଳସ୍ତର ୬୨୫.୨୧ ଫୁଟ ଥିଲା।

# କ୍ଷୟକ୍ଷତିର ସର୍ଭେ ପାଇଁ ଗ୍ରାଉଣ୍ଡରେ ସରକାର

ଭୁବନେଶ୍ୱର,(ଜା.ପ୍ର): ବନ୍ୟା କେବଳ ଦୁଃଖ ଦେଇନି, ଲୋକଙ୍କ ଆଶା, ଭରସା ଓ ହସକୁ ମଧ୍ୟ ଭସାଇ ନେଇଛି। କିଏ କୋଦାଳରେ ଘରୁ କାଦୁଅ କାଢୁଛି, କିଏ ଅଧାବୁଡ଼ା ଘରୁ ପାଣି ଛେଦି ପୁଣି ନିଜ ସଂସାରକୁ ଠିଆ କରିବାକୁ ଲଢୁଛି। ଆଉ କାହା ଘରେ ଏବେ ବି ପାଣି ଜମିଥିବାରୁ ଅନ୍ୟର ଦାଣ୍ଡଘର ଆଶ୍ରୟ ପାଲଟିଛି। ଘରର ଚଟାଣ ଶୁଖିନି...ଚୁଲି ଜଳୁନି...ଆଉ ଲୁହ-କୋହ ବି ବୋଲ ମାନୁନି। ବନ୍ୟା ପାଣି ଛାଡ଼ିଯାଉଛି ସତ, କିନ୍ତୁ ତା ସହ ଛାଡ଼ିଯାଇଛି କାଦୁଅ, କ୍ଷତି ଆଉ ଅସହାୟତା। ବନ୍ୟାର ପାଣି ଧୀରେ ଧୀରେ କମୁଛି, ହେଲେ ଲୋକଙ୍କ ଦୁର୍ଦ୍ଦଶା ଏବେ ବି କମିନି। ନଦୀ ସ୍ୱାଭାବିକ ସ୍ରୋତକୁ ଫେରୁଥିବା ବେଳେ, ହଜାର ହଜାର ପରିବାର ଏବେ ଫେରିଛନ୍ତି ଯନ୍ତ୍ରଣାମୟ ବାସ୍ତବତାକୁ। କେଉଁଠି ଘର ଭାଙ୍ଗିଛି, କେଉଁଠି ଫସଲ ଉଜୁଡ଼ିଛି, ଆଉ କେଉଁଠି ବଞ୍ଚିବା ପାଇଁ ଆରମ୍ଭ ହୋଇଛି ନୂଆ ସଂଘର୍ଷ। ବନ୍ୟାର ପ୍ରକୋପ ପରେ କ୍ଷୟକ୍ଷତିର ପ୍ରକୃତ ଚିତ୍ର ଛାତିକୁ ଦୋହଲାଇ ଦେଉଛି।

ତେବେ ବନ୍ୟା ସ୍ଥିତିରେ ସୁଧାର ପରେ କ୍ଷୟକ୍ଷତିର ସର୍ଭେ ପାଇଁ ଗ୍ରାଉଣ୍ଡକୁ ଓହ୍ଲାଇଲେଣି ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶଙ୍କ ସୂଚନା ଅନୁସାରେ, ୨୨ ଜିଲ୍ଲାରେ ୮ ଲକ୍ଷରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁରରେ ବେଶି କ୍ଷତି। ସ୍ଥାନୀୟ ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନରେ ଲାଗିପଡ଼ିଛି। କ୍ଷତିଗ୍ରସ୍ତ ଅଙ୍ଗନବାଡ଼ି ଓ ସ୍କୁଲ୍ ଗୁଡ଼ିକର ମରାମତି ପାଇଁ ଅନୁଦାନ ପ୍ରଦାନ କରାଯିବ। ଏଥିସହିତ ଲୋକଙ୍କର ଭାଙ୍ଗିଯାଇଥିବା ଘର ଅଭିଯୋଗକୁ ନେଇ ରିପୋର୍ଟ ପ୍ରସ୍ତୁତ ହେବ। ଯେଉଁଠି ଘାଇ ହୋଇଛି ସେଠାରେ ମଜଭୁତ କରି ମରାମତି କରିବାକୁ ଜଳସଂପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି ଯେ ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ବନ୍ୟା ଜଳ ଛାଡ଼ିବା ପରେ ଏବେ କ୍ଷୟକ୍ଷତିର ଆକଳନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଏବଂ କୃଷି ବିଭାଗର ଅଧିକାରୀମାନେ ଫିଲ୍ଡକୁ ଓହ୍ଲାଇ କ୍ଷୟକ୍ଷତିର ସର୍ଭେ କରୁଛନ୍ତି। ବିଶେଷ କରି ଚାଷ, ଘର ଏବଂ ସରକାରୀ ସମ୍ପତ୍ତିର କେତେ କ୍ଷତି ହୋଇଛି, ସେ ନେଇ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ସାମ୍ପ୍ରତିକ ବନ୍ୟାରେ ରାଜ୍ୟର ପ୍ରାୟ ୨୨ଟି ଜିଲ୍ଲା ଏବଂ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଏବଂ କଟକର କିଛି ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି। ସ୍ଥିତିର ସମୀକ୍ଷା ପାଇଁ ବିଭିନ୍ନ ବିଭାଗର ମନ୍ତ୍ରୀମାନେ 'ଗ୍ରାଉଣ୍ଡ ଜିରୋ'କୁ ଯାଇ ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟର ଅନେକ ସ୍ଥାନରେ ଘର ଭାଙ୍ଗିବା ସହ ପନିପରିବା ଚାଷ ବ୍ୟାପକ ଭାବେ ନଷ୍ଟ ହୋଇଛି। ଏହାର ରିପୋର୍ଟ ହସ୍ତଗତ ହେବା ପରେ ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯିବ। ସେହିପରି ଶକ୍ତି, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ପତ୍ତି ସହ ଅନେକ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏସବୁର ତୁରନ୍ତ ମରାମତି ପାଇଁ ସରକାର ଆବଶ୍ୟକୀୟ ଅର୍ଥରାଶି ଯୋଗାଇ ଦେବେ ବୋଲି ଜଣାପଡ଼ିଛି। ବନ୍ୟା ପରବର୍ତ୍ତୀ ରୋଗରୁ ରକ୍ଷା ପାଇବା ପାଇଁ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଶୋଧନ କାର୍ଯ୍ୟ ଜାରି ରହିଛି । ନଦୀବନ୍ଧରେ ସୃଷ୍ଟି ହୋଇଥିବା ଘାଇଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠାରେ ଘାଇ ସୃଷ୍ଟି ହୋଇଛି, ସେଠାରେ ଅଧିକ ମଜବୁତ ଘାଇ ନିର୍ମାଣ କରିବାକୁ କୁହାଯାଇଛି, ଯାହାଫଳରେ ଭବିଷ୍ୟତରେ ଏଭଳି ବିପଦକୁ ଏଡ଼ାଯାଇପାରିବ। ରାଜ୍ୟର ଏହି ସଙ୍କଟ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି। ରାଜ୍ୟ ସରକାର ସହାୟତା ରାଶି ମାଗିବା ପୂର୍ବରୁ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ଅଗ୍ରିମ ୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ସେହିପରି ବନ୍ୟା ସମୟରେ ଚାଲିଥିବା ରାଜନୈତିକ ବୟାନବାଜିକୁ ନେଇ ରାଜସ୍ୱ ମନ୍ତ୍ରୀ କହିଛନ୍ତି, 'ଯେଉଁମାନେ କେବଳ ବୟାନବାଜି କରନ୍ତି ସେମାନେ ପ୍ରକୃତରେ କାମ କରନ୍ତି ନାହିଁ। କିନ୍ତୁ ଯେଉଁମାନେ ଚୁପ୍ ରହି କାମ କରନ୍ତି, ସେମାନେ ହିଁ ଲୋକଙ୍କ ସେବା କରିଥାନ୍ତି। ' ବିପତ୍ତି ସମୟରେ ରାଜନୀତି ନକରି ସେବା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

## ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ଗିରଫ ସଂଗ୍ରାମ କେଶରୀ ନିଲମ୍ବିତ

ଭୁବନେଶ୍ୱର,(ଜା.ପ୍ର): ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଗିରଫ ଆଇଏଫ୍‌ଏସ୍ ଅଧିକାରୀ ସଂଗ୍ରାମ କେଶରୀ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ନିଲମ୍ବିତ କରାଯାଇଛି। ବର୍ତ୍ତମାନ ଶ୍ରୀ ବେହେରା ଓଡ଼ିଶା ଫରେଷ୍ଟ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ (ଓଏଫ୍‌ଡିସି)ର ବାଣିଜ୍ୟ ନିର୍ଦ୍ଦେଶକ (ଡାଇରେକ୍ଟର-କମର୍ସିଆଲ୍) ଭାବେ କାର୍ଯ୍ୟରତ ଥିଲେ।

ସଂଗ୍ରାମ କେଶରୀ ବେହେରା ୨୦୨୧ ମସିହାରେ ଗଜପତି ଜିଲ୍ଲାର ଡିଭିଜନାଲ୍ ଫରେଷ୍ଟ ଅଫିସର (ଡିଏଫ୍‌ଓ) ଭାବେ କାର୍ଯ୍ୟରତ ଥିବା ସମୟରେ ପାରଳାଖେମୁଣ୍ଡି ବନଖଣ୍ଡର ତତ୍କାଳୀନ ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ହୋଇଥିଲେ। ନିକଟରେ ଶ୍ରୀ ବେହେରାଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି। ଏହାପରେ ରାଜ୍ୟ ସରକାର ପକ୍ଷରୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବିତ କରାଯାଇଛି। ସରକାରଙ୍କ ମତରେ, ଜଣେ ସରକାରୀ ଅଧିକାରୀ ନ୍ୟାୟିକ ହେପାଜତରେ ଥିବା ପରିସ୍ଥିତିରେ ସେବା ନିୟମାବଳୀ ଅନୁଯାୟୀ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରକାଶ ଯେ ୨୦୨୧ ମସିହାରେ ସୌମ୍ୟରଞ୍ଜନ ମହାପାତ୍ର ପାରଳାଖେମୁଣ୍ଡିସ୍ଥିତ ତାଙ୍କ ସରକାରୀ ବାସଭବନରେ ରହସ୍ୟମୟ ପରିସ୍ଥିତିରେ ୮୦% ପୋଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବ୍ରହ୍ମପୁର ଏବଂ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପରେ ସେ ମୃତ୍ୟୁବରଣ କରିଥିଲେ। ସେତେବେଳେ ପାରଳାଖେମୁଣ୍ଡିର ଡିଏଫଓ ଭାବେ କାର୍ଯ୍ୟରତ ଥିବା ସଂଗ୍ରାମ କେଶରୀ ବେହେରା, ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ନାମରେ ବିଭିନ୍ନ ଅଭିଯୋଗ ଆସିଥିଲା। ମାମଲାଟି ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା।

# ଓଡ଼ିଶାକୁ ୪,୮୧୯ କୋଟି କେନ୍ଦ୍ରୀୟ କର ପ୍ରଦାନ

ଭୁବନେଶ୍ୱର,(ଜା.ପ୍ର): କେନ୍ଦ୍ର ସରକାର ଶନିବାର ବିଭିନ୍ନ ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ କର ବାବଦରେ ୧ ଲକ୍ଷ ୯ ହଜାର ୧୯ କୋଟି ଟଙ୍କାର ଅତିରିକ୍ତ ଅଗ୍ରୀମ କର ହସ୍ତାନ୍ତର କରିଛନ୍ତି। ଏହା ସାଧାରଣ ମାସିକ କିସ୍ତିଠାରୁ ଅଲଗା ଏବଂ ସାଧାରଣ ମାସିକ ଅଗ୍ରୀମ କର କିସ୍ତି ୧୦ ଅଗଷ୍ଟ ୨୦୨୬ରେ ଜାରି ହେବ ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଅର୍ଥ ରାଜ୍ୟଗୁଡ଼ିକର ପୁଞ୍ଜି ଏବଂ ବିକାଶମୂଳକ ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିପାଦିତ କରିଛି। ଅଗଷ୍ଟ ୨୦୨୬ ପାଇଁ କେନ୍ଦ୍ରୀୟ କର ଏବଂ ଶୁଳ୍କର ନିଟ୍ ଆଦାୟର ରାଜ୍ୟୱାରୀ ବଣ୍ଟନ ପରିପ୍ରେକ୍ଷୀରେ ଓଡ଼ିଶାକୁ ୪,୮୧୯ କୋଟି ପ୍ରଦାନ କରାଯାଇଛି।

ସେହିପରି ଆନ୍ଧ୍ର ପ୍ରଦେଶକୁ ୪୫୯୭କୋଟି ମିଳିଥିବାବେଳେ, ଅରୁଣାଚଳ ପ୍ରଦେଶ ୧୪୭୬, ଆସାମ ୩୫୫୨, ବିହାର ୧୦୮୪୫, ଛତିଶଗଡ଼ ୩୬୦୨, ଗୋଆ ୩୯୮, ଗୁଜରାଟ ୪୦୯୪, ହରିୟାଣା ୧୪୮୪, ହିମାଚଳ ପ୍ରଦେଶ ୯୯୬, ଝାଡ଼ଖଣ୍ଡ ୩୬୬୦, କର୍ଣ୍ଣାଟକ ୪୫୦୪, କେରଳ ୨୫୯୭, ମଧ୍ୟ ପ୍ରଦେଶ ୮୦୧୦, ମହାରାଷ୍ଟ୍ର ୭୦୨୨, ମଣିପୁର ୬୮୨, ମେଘାଳୟ ୬୮୮, ମିଜୋରାମ ୬୧୫, ନାଗାଲାଣ୍ଡ ୫୨୪, ପଞ୍ଜାବ ୨୧୭୬, ରାଜସ୍ଥାନ ୬୪୬୦, ସିକିମ୍ ୩୬୫, ତାମିଲନାଡୁ ୪୪୬୬, ତେଲେଙ୍ଗାନା ୨୩୭୦, ତ୍ରିପୁରା ୬୯୯, ଉତ୍ତର ପ୍ରଦେଶ ୧୯୨୦୮, ଉତ୍ତରାଖଣ୍ଡ ୧୨୪୪ ଓ ପଶ୍ଚିମବଙ୍ଗକୁ ୭୮୬୬ କୋଟି ପ୍ରଦାନ କରାଯାଇଛି।

# ନାଇଡୁ କମିଶନ ରିପୋର୍ଟ ହଜିବା ଘଟଣା: ତଥ୍ୟ ମାଗିଲା କ୍ରାଇମବ୍ରାଞ୍ଚ୍

ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ଅନ୍ୟମାନଙ୍କ ହତ୍ୟା ମାମଲାରେ ଜଷ୍ଟିସ୍ ନାଇଡୁ କମିଶନ ରିପୋର୍ଟ ହଜିବା ଘଟଣାରେ କ୍ରାଇମବ୍ରାଞ୍ଚ ଅଧିକ ଛାନଭିନ୍ ଜାରି ରଖିଛି । ଘଟଣାକୁ ନେଇ କ୍ରାଇମବ୍ରାଞ୍ଚର ତଦନ୍ତ ଶନିବାର ଷଷ୍ଠ ଦିନରେ ପହଞ୍ଚିଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ବିଷୟରେ କ୍ରାଇମବ୍ରାଞ୍ଚ ଅଧିକ ଜାଣିବାକୁ ଚାହିଁଛି। ଏନେଇ କ୍ରାଇମବ୍ରାଞ୍ଚ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଶାସନ ସଚିବ ଏବଂ ଗୃହ ବିଭାଗକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଚିଠି ଲେଖାଯାଇ ତଥ୍ୟ ମଗାଯାଇଛି। ତଦନ୍ତର ଏକ ଅଂଶ ଭାବରେ କ୍ରାଇମବ୍ରାଞ୍ଚ ଏହି ପଦକ୍ଷେପ ନେଇଛି। କିଏ ଫାଇଲ୍ ଡିଲ୍ କରେ, କେଉଁ ବିଭାଗରେ ଫାଇଲ ରୁହେ ଆଦି ଏନେଇ ତଥ୍ୟ ମଗାଯାଇଛି। ଏପରିକି କିଏ ଫାଇଲ ଗ୍ରହଣ କରିଥିଲେ ମଧ୍ୟ ତଥ୍ୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

# ପୁଣି ବର୍ଷା ଆରମ୍ଭ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ପୁଣି ବର୍ଷା ଆରମ୍ଭ ହୋଇଯାଇଛି। ସକ୍ରିୟ ମୌସୁମୀ ପ୍ରଭାବରେ ସାରା ରାଜ୍ୟରେ ଘଡ଼ଘଡ଼ି ବିଜୁଳି ସହିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ସତର୍କତା ଜାରି କରିଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ପ୍ରଭାବ ଜାରି ରହିବ। ଆସନ୍ତାକାଲି ପାଇଁ ୨୫ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାନେଇ ମଧ୍ୟ ଆଲର୍ଟ ଜାରି କରାଯାଇଛି।

୪ ତାରିଖରୁ ଓଡ଼ିଶାରେ ବର୍ଷା ଆହୁରି ବଢ଼ି। ପ୍ରବଳ ବର୍ଷା ପାଇଁ ରାୟଗଡ଼ା, ଗଜପତି, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ସେହିପରି ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଡ଼ି ପବନ ପାଇଁ ମାଲକାନଗିରି, କୋରାପୁଟ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରାଯାଇଛି।

ବର୍ତ୍ତମାନ ଅବପାତଟି ସଦୃଶ ଲଘୁଚାପରେ ପରିଣତ ହୋଇ ଦକ୍ଷିଣ ପୁର୍ବ ରାଜସ୍ଥାନରେ ସକ୍ରିୟ ରହିଛି । ଏହାସହ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବା ବେଳେ ରାଜ୍ୟରେ କିଛି କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ ବର୍ଷାର ପରିମାଣ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ସଙ୍କଟରେ ଶୀତପ୍ରଧାନ ୟୁରୋପ

ଶୀତପ୍ରଧାନ ମହାଦେଶ ୟୁରୋପରେ ଅତ୍ୟଧିକ ଉତ୍ତାପଜନିତ ବିପର୍ଯ୍ୟୟ ଯେ କେତେ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିପାରେ, ଏହା ଅବିଶ୍ୱସନୀୟ ହେଲେ ମଧ୍ୟ ୨୦୨୬ ମସିହା ଗ୍ରୀଷ୍ମଋତୁ ତାହାର ବାସ୍ତବତା ପ୍ରମାଣିତ କରିଛି । ଚଳିତ ବର୍ଷ ଜୁନ୍‌ରେ ପଶ୍ଚିମ ୟୁରୋପର ହାରାହାରି ତାପମାତ୍ରା ୨୦.୭୪ ଡିଗ୍ରୀ ସେଲସିୟସ ପହଞ୍ଚିଥିଲା, ଯାହା ୧୯୯୧-୨୦୨୦ ମାନକ ତୁଳନାରେ ୩ ଡିଗ୍ରୀରୁ ଅଧିକ । ୟୁରୋପୀୟ ସଂଘର କୋପରନିକସ କ୍ଲାଇମେଟ ଚେଞ୍ଜ ସର୍ଭିସ ଅନୁଯାୟୀ ଏହା ଥିଲା ବିଶ୍ୱ ଏବଂ ସମଗ୍ର ୟୁରୋପ ନିମନ୍ତେ ରେକର୍ଡ଼ରେ ଦ୍ୱିତୀୟ ସର୍ବୋଚ୍ଚ ଉତ୍ତପ୍ତ ଜୁନ୍, ଯାହାର ପ୍ରଚ୍ଛଦରେ ରହିଛି ମାନବ-ପ୍ରବର୍ତ୍ତିତ ଜଳବାୟୁ ପରିବର୍ତ୍ତନ ଦ୍ୱାରା ତାପମାତ୍ରା ବୃଦ୍ଧିର ଭୂମିକା । ପ୍ରାକୃତିକ ପ୍ରକ୍ରିୟା ବଦଳରେ ଆମ ଜଳବାୟୁରେ ଏକ ଢାଞ୍ଚାଗତ ପରିବର୍ତ୍ତନକୁ ଏହା ପ୍ରତିଫଳିତ କରୁଛି, ଯାହା ପ୍ରଲମ୍ବିତ ହୋଇ ମରୁଡ଼ି ଏବଂ ଅନ୍ୟାନ୍ୟ ଚାପ ସହ ମିଶି ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି । ଦକ୍ଷିଣ ୟୁରୋପରୁ କେନ୍ଦ୍ରୀୟ ଏବଂ ପଶ୍ଚିମ ୟୁରୋପକୁ ବ୍ୟାପିଥିବା ଏହି ଉଚ୍ଚ ତାପମାତ୍ରା ମହାଦେଶର ଅନେକ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି । ଏପରି ବିପର୍ଯ୍ୟୟ ପରିପ୍ରେକ୍ଷୀରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂତ୍ର ସୂଚିତ କରେ ଯେ ୨୦୦୦-୨୦୧୯ ପର୍ଯ୍ୟନ୍ତ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୪.୮୯ ଲକ୍ଷ ଉତ୍ତାପଜନିତ ମୃତ୍ୟୁଘଟିଛି, ଯେଉଁଥିରେ ୨୦୦୩ରେ ୟୁରୋପରେ ଗ୍ରୀଷ୍ମ ପ୍ରବାହରେ ଘଟିଥିବା ୭୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଅନ୍ତର୍ଭୁକ୍ତ । ଏସବୁ ଘଟଣା ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ପ୍ରଭାବକୁ ନିଶ୍ଚିତ କରିବା ସହ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସୁଦୃଢ଼ ପ୍ରସ୍ତୁତି ଏବଂ ପରିବେଶ ସୁରକ୍ଷାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ ।

ୟୁରୋପରେ ଚଳିତ ଗ୍ରୀଷ୍ମ ଲହରି ବିପର୍ଯ୍ୟୟର ପ୍ରଚ୍ଛଦରେ କାର୍ଯ୍ୟକ୍ଷମ ଥିବା ଏକ ପ୍ରମୁଖ କାରକ ହେଉଛି 'ଉତ୍ତାପ ଗମ୍ବୁଜ' (ଓମେଗା ବ୍ଲକ ହିଟ୍ ଡୋମ୍)ର ସୃଷ୍ଟି, ଯାହା ଏକ ଶକ୍ତିଶାଳୀ, ଉଚ୍ଚ-ଚାପଜନିତ ବାୟୁମଣ୍ଡଳୀୟ ପାଣିପାଗ ପ୍ରଣାଳୀ । ଏହା ଦ୍ୱାରା ଭୂପୃଷ୍ଠର ଉପର ଭାଗରେ ଏକ ଉଚ୍ଚ-ଚାପଯୁକ୍ତ ବାୟୁସ୍ତର ସୃଷ୍ଟି ହୁଏ, ଯାହାକି ଫୁଟୁଥିବା ଉତ୍ତପ୍ତ ପାତ୍ର ଉପରେ ଏକ ଢାଙ୍କୁଣି ସଦୃଶ କାର୍ଯ୍ୟ କରେ । ପରିଣାମରେ ସୂର୍ଯ୍ୟଙ୍କର ପ୍ରଖର ରଶ୍ମି ଭୂପୃଷ୍ଠରେ ପତିତ ହୋଇ ଉତ୍ତାପ ସୃଷ୍ଟି ହେଲେ ଉତ୍ତପ୍ତ ବାୟୁ ଏହି ଢାଙ୍କୁଣି ତଳେ ଚାପିହୋଇ ରହିଯାଏ, ଯାହା ଉପରକୁ ମୁକ୍ତ ହୋଇପାରେ ନାହିଁ । ଏହି ପ୍ରକ୍ରିୟାରେ ଭୂପୃଷ୍ଠ ନିକଟସ୍ଥ ଉତ୍ତାପ କ୍ରମଶଃ ବୃଦ୍ଧି ପାଇଚାଲେ ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହର ସୃଷ୍ଟି ହୁଏ । ଉତ୍ତପ୍ତ ଜଳୀୟବାଷ୍ପ ଉପରକୁ ଯାଇପାରୁ ନ ଥିବାରୁ ମେଘ ସୃଷ୍ଟିରେ ବ୍ୟାଘାତ ଘଟେ ଏବଂ ଆକାଶ ମେଘମୁକ୍ତ ଥିବାରୁ ପ୍ରଖର ସୂର୍ଯ୍ୟରଶ୍ମି ଭୂପୃଷ୍ଠରେ ପହଞ୍ଚି ତାପମାତ୍ରାରେ ବୃଦ୍ଧି ଘଟାଏ । ଅଧିକନ୍ତୁ, ଶୁଷ୍କ ମୃତ୍ତିକା ଏବଂ ସ୍ୱଳ୍ପ ବର୍ଷା ପରିସ୍ଥିତି ବାଷ୍ପୀକରଣ ମାଧ୍ୟମରେ ପ୍ରାକୃତିକ ଶୀତଳତା ସୃଷ୍ଟିକୁ ସୀମିତ କରି ତାପମାତ୍ରାକୁ ଆହୁରି ତୀବ୍ର କରିଛି । ଉତ୍ତର ଆଫ୍ରିକୀୟ ଅଞ୍ଚଳ (ସାହାରା ମରୁଭୂମି)ରୁ ଶୁଷ୍କ, ଉଷ୍ମ ବାୟୁରାଶିର ୟୁରୋପକୁ ପ୍ରବାହ ମଧ୍ୟ ଏଥିରେ ଅବଦାନ ରଖିଛି ।

ବୈଜ୍ଞାନିକମାନେ ସୂଚାଇଛନ୍ତି ଯେ ବିଶ୍ୱତାପନ ପ୍ରକ୍ରିୟା ସମଗ୍ର ୟୁରୋପରେ ଗ୍ରୀଷ୍ମ ଲହରିର ତୀବ୍ରତା ଏବଂ ଅବଧିରେ ବୃଦ୍ଧି ଘଟାଉଛି । ବିଶ୍ୱରେ ସବୁଜଗୃହ ବାଷ୍ପସବୁର ବର୍ଦ୍ଧିତ ନିର୍ଗମନ କ୍ରମଶଃ ବୈଶ୍ୱିକ ହାରାହାରି ତାପମାତ୍ରାରେ ବୃଦ୍ଧି ଘଟାଇ ପୂର୍ବ ଦଶନ୍ଧି ତୁଳନାରେ ଚରମ ପାଣିପାଗ ଘଟଣାସବୁକୁ ଅଧିକ ସକ୍ରିୟ କରିଛି । ୟୁରୋପର ଚାରିଆଡ଼େ ସାମୁଦ୍ରିକ ତାପମାତ୍ରା ମଧ୍ୟ ବସନ୍ତ ଋତୁର ଶେଷ ଭାଗରେ ଅସ୍ୱାଭାବିକ ଭାବେ ଅଧିକ ରହିଥିଲା । ଏହି ସମସ୍ତ ଅତ୍ୟଧିକ ଉତ୍ତାପଜନିତ ଘଟଣାଗୁଡ଼ିକର ପ୍ରଭାବରେ ୟୁରୋପ ମହାଦେଶ ପ୍ରଚଣ୍ଡ ଗ୍ରୀଷ୍ମ ଲହରିର ଶିକାର ହେଲା । ଅଷ୍ଟ୍ରିଆ, ବେଲଜିୟମ, ଚେକ୍‌ରିପବ୍ଲିକ, ଡେନମାର୍କ, ଫ୍ରାନ୍ସ, ଜର୍ମାନୀ, ହଙ୍ଗେରୀ, ଇଟାଲୀ, ନେଦରଲାଣ୍ଡ, ପୋଲାଣ୍ଡ, ରୋମାନିଆ, ସ୍ଲୋଭାକିଆ, ସ୍ପେନ ଏବଂ ଇଂଲଣ୍ଡରେ ତାପମାତ୍ରା ସମ୍ବନ୍ଧୀୟ ପୂର୍ବତନ ରେକର୍ଡ ଭଙ୍ଗହେଲା । ଏମାନଙ୍କ ମଧ୍ୟରୁ ଫ୍ରାନ୍ସ, ଆୟର୍ଲାଣ୍ଡ, ବ୍ରିଟେନ, ପର୍ତ୍ତୁଗାଲ ଏବଂ ସ୍ପେନର ଦିବା ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଗଲା, ଏପରିକି ଇଟାଲୀର କାଷ୍ଟେଲ୍ଲରମିନିରେ ତାପମାତ୍ରା ୪୮.୪ ଡିଗ୍ରୀ ସେଲସିୟସ ଛୁଇଁବାର ରେକର୍ଡ ସୃଷ୍ଟି ହେଲା । ତେବେ ଏସବୁ ଶୀତପ୍ରଧାନ ଦେଶର ଅଧିବାସୀମାନେ ଏତେ ଉଚ୍ଚ ତାପମାତ୍ରା ସହିପାରନ୍ତି ନାହିଁ, ଯେଉଁଥିପାଇଁ ଆରମ୍ଭ ହେଲା ଧ୍ୱଂସର ବିଭୀଷିକା ।

ଉଚ୍ଚ ତାପମାତ୍ରା ଏବଂ ଶୁଷ୍କ ବୃକ୍ଷଲତାର ଉପସ୍ଥିତି ଭୂମଧ୍ୟସାଗରୀୟ ଦେଶଗୁଡ଼ିକରେ ଜଙ୍ଗଲାଗ୍ନିକୁ ବ୍ୟାପକ କରି ବାସଗୃହ, ଚାଷଜମି, ବନ୍ୟପ୍ରାଣୀ ବାସସ୍ଥଳୀ ଏବଂ ହଜାର ହଜାର ହେକ୍ଟର ଜଙ୍ଗଲକୁ ଧ୍ୱଂସ କରିଦେଇଛି । ନିଆଁର ଦ୍ରୁତ ବିସ୍ତାର ଏବଂ ନିର୍ଗତ ଘନଧୂଆଁ ବାୟୁର ଗୁଣବତ୍ତାରେ ହ୍ରାସ ଘଟାଇବା ସହ ସ୍ଥାନୀୟ ସମ୍ପ୍ରଦାୟ ନିମନ୍ତେ ଅତିରିକ୍ତ ସ୍ୱାସ୍ଥ୍ୟଜନିତ ବିପଦ ସୃଷ୍ଟିର କାରଣ ହୋଇଛି । କୃଷି ଏବଂ ପଶୁପାଳନ ପ୍ରଭାବିତ ହୋଇଛି । କୃଷକମାନେ ଜଳକଷ୍ଟ, ଜଳସେଚନ ଖର୍ଚ୍ଚ ବୃଦ୍ଧି ଏବଂ ଯଥେଷ୍ଟ ଆର୍ଥିକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । ଏସବୁର ପ୍ରଭାବରେ ସମଗ୍ର ୟୁରୋପରେ ଖାଦ୍ୟ ସୁରକ୍ଷା ଏବଂ ମୂଲ୍ୟ ବୃଦ୍ଧି ଚିନ୍ତା ବଢାଇଛି । ଲକ୍ଷ ଲକ୍ଷ ପରିବାର ଏୟାର୍ କଣ୍ଡିଶନର୍ ଏବଂ ଶୀତଳୀକରଣ ଉପରେ ନିର୍ଭର କରୁଥିବାରୁ ବିଦ୍ୟୁତ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇ ପାୱାର୍ ଗ୍ରୀଡ଼ଗୁଡ଼ିକରେ ଅତ୍ୟଧିକ ଲୋଡ, ବିଦ୍ୟୁତ ଅଭାବ ଏବଂ ବିଭ୍ରାଟ ଅନୁଭୂତ ହୋଇଛି । ଭବିଷ୍ୟତରେ ଏପରି ଘଟଣାରୁ ଲୋକଙ୍କୁ ଏବଂ ପରିବେଶକୁ ସୁରକ୍ଷିତ ରଖିବା ନିମନ୍ତେ ଦୃଢ଼ ଜଳବାୟୁ ପଦକ୍ଷେପ ଗ୍ରହଣ ଅତ୍ୟନ୍ତ ଜରୁରୀ ।

# ପ୍ରଶ୍ନପତ୍ର ଚୋରି ପରେ...

ଭାସ୍କର ବାରିକ୍

ବିଶ୍ୱର ବୃହତମ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମ୍ବିଧାନିକ ଦୃଷ୍ଟିରୁ ସମସ୍ତଙ୍କର ଲଢ଼େଇ କରିବାର ଅଧିକାର ଅଛି ସମାଜରେ ଘଟୁଥିବା ଅନ୍ୟାୟ ଓ ଅବିଚାର ବିରୋଧରେ । କ୍ଷମତାରେ ଥିବା ରାଜନେତା ଓ ସରକାରଙ୍କ ପଲିସି ଓ କାର୍ଯ୍ୟ ଶୈଳୀକୁ ସମାଲୋଚନା କରିବାରେ କିଛି ସମସ୍ୟା ନାହିଁ । ଗଠନମୂଳକ ସମାଲୋଚନା ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସରକାରୀ କଳକୁ ଅଧିକ ସକ୍ରିୟ ଓ କ୍ରିୟାଶୀଳ କରେଇବା ସହିତ ନିଜ ଭୁଲ୍ କୁ ସଂଶୋଧନ କରିବା ପାଇଁ ବାଧ୍ୟ କରେ ଯାହା ଗଣତନ୍ତ୍ର ରାଷ୍ଟ୍ର ପାଇଁ ଶୁଭଙ୍କର । କିନ୍ତୁ ଗାନ୍ଧୀ, ଗୋପବନ୍ଧୁ, ଆମ୍ବେଦକର, ପରମହଂସ ରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦଙ୍କ ଭଳି ମହାପୁରୁଷଙ୍କ ଦେଶରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ନାମରେ ଅରାଜକତା ଭଳି ପରିସ୍ଥିତି ସୃଷ୍ଟି କରିବା ଗ୍ରହଣୀୟ ନୁହେଁ ।

ମେ ମାସ ୩ ତାରିଖ ୨୦୨୬ରେ ନିଟ୍ ପରୀକ୍ଷା ହୋଇଥିଲା । କିନ୍ତୁ ଏହି ପରୀକ୍ଷା ପରେ ପ୍ରଶ୍ନପତ୍ର ଲିକ୍ ହେବାର ଘଟଣା ପଦାକୁ ଆସିଥିଲା । ଟିଭି, ଖବରକାଗଜ ଓ ସାମାଜିକ ଗଣମାଧ୍ୟମଗୁଡ଼ିକରେ ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ଚାଲିଲା ସରଗରମ ଆଲୋଚନା, ପର୍ଯ୍ୟାଲୋଚନା ଓ ରାଜନୀତି । ପ୍ରଶ୍ନପତ୍ର ଚୋରି ଓ ପରୀକ୍ଷାରେ ଜାଲିଆତି ନିଶ୍ଚିତ ଦୁର୍ଭାଗ୍ୟଜନକ । ପରୀକ୍ଷା ପାଇଁ ଦିନରାତି ଏକ କରି ପାଠ ପଢ଼ି ନିଜର ଏକ ସୁନ୍ଦର ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖୁଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ପ୍ରଶ୍ନପତ୍ର ଲିକ୍ ଘଟଣା ଗଭୀର ଭାବରେ ଦୁଃଖିତ ଓ ମର୍ମାହତ କରିଥିଲା । ପରେ ସରକାରଙ୍କ ପକ୍ଷରୁ ଏହି ପରୀକ୍ଷାକୁ ବାତିଲ୍ କରି ପୁନଶ୍ଚ ଜୁନ୍ ମାସ ୨୧ ତାରିଖ, ୨୦୨୬ରେ ପରୀକ୍ଷା କରାଗଲା । ମାତ୍ର ଇତିମଧ୍ୟରେ କିଛି ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ । କକ୍ରୋଚ ଜନତା ପାର୍ଟିର ଦାବି ଅନୁଯାୟୀ ମୋଟ ଏକୋଇଶି ଜଣ ଛାତ୍ରଛାତ୍ରୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ ଯାହା ନିଶ୍ଚିତ ଭାବରେ ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଏମିତି ପ୍ରଶ୍ନପତ୍ର ଚୋରି ଘଟଣା ଅନେକ ଥର ଘଟିଛି । ୨୦୦୪ରେ ଅଲ୍ ଇଣ୍ଡିଆ ପ୍ରି ମେଡିକାଲ ଟେଷ୍ଟ୍‌ର ପ୍ରଶ୍ନପତ୍ର ଲିକ୍ ହେଇଥିଲା । ୨୦୦୬ରେ ଏମ୍ସ ପ୍ରି ପିଜି ଏଣ୍ଟ୍ରାନ୍ସ ପରୀକ୍ଷା ପେପର ଲିକ୍, ୨୦୦୭ ଓ ୨୦୧୧ରେ ଅଲ୍ ଇଣ୍ଡିଆ ଇଞ୍ଜିନିୟରିଂ ଏଣ୍ଟ୍ରାନ୍ସ ପରୀକ୍ଷା ପେପର ଲିକ୍, ୨୦୧୩ରେ ଭାଓ୍ୱପମ୍ ସ୍କାମ୍ ଇତ୍ୟାଦି ଘଟିଛି । ଏମିତି ବିଭିନ୍ନ ରାଜ୍ୟରେ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ପରୀକ୍ଷାରେ ଅତୀତରେ ବିଭିନ୍ନ ପ୍ରକାରର ଘୋଟାଲା ଘଟିଥିବାର ଉଦାହରଣ ରହିଛି । ନିକଟରେ ତ ପଞ୍ଜାବରେ ଫାର୍ମାସିଷ୍ଟ ପରୀକ୍ଷାର ପ୍ରଶ୍ନପତ୍ର ଚୋରି ଘଟଣା ଘଟିଛି । ଏମିତି ଘଟଣା ଛାତ୍ରଛାତ୍ରୀ ମାନଙ୍କର ସୁସ୍ଥ ମାନସିକତା ଉପରେ ଗଭୀର ରେଖାପାତ କରିବା ସ୍ୱାଭାବିକ ।

ଜନ୍ତର ମନ୍ତର ଓ ସଂସଦର ଆଖପାଖ ଅଞ୍ଚଳରେ ପ୍ରାୟ ଦେଢ଼ମାସ ଧରି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଚାଲିଥିବା ଆନ୍ଦୋଳନର ଆଗଧାଡ଼ିରରେ ଥିଲେ କକ୍ରୋଚ ଜନତା ପାର୍ଟିର ପୁରୋଧାମାନେ । ଏହି ଆନ୍ଦୋଳନରେ ନିଜ ନିଜର ରାଜନୈତିକ ଫାଇଦା ପାଇଁ ବେଶ୍ କିଛି ବ୍ୟକ୍ତି ବିଶେଷ ପ୍ରଚ୍ଛଦ ପଟରେ ରହି ସମସ୍ତ ପ୍ରକାର ସାହାଯ୍ୟ ସମର୍ଥନ ଯୋଗେଇ ଦେଉଥିଲେ ଆନ୍ଦୋଳନକାରୀମାନଙ୍କୁ । ଗୋଳିଆ ପାଣି କଙ୍କଡ଼ାକୁ ସୁହାଇଲା ଭଳି କିଛି ଦେଶ ବିରୋଧୀ ଶକ୍ତି ବି ଏଥିରେ ସାମିଲ୍ ଥିଲେ ବୋଲି ସନ୍ଦେହ ଦୃଢ଼ୀଭୂତ ହେଉଛି । ଏଇଥିପାଇଁ ସନ୍ଦେହ ହେଉଛି ଯେ ଦେଢ଼ମାସ ଧରି ଆନ୍ଦୋଳନ ଚାଲିଲା ଓ ହଜାର ହଜାର ଆନ୍ଦୋଳନକାରୀ ମାନଙ୍କ ପାଇଁ ଯେମିତି ଖାଇବା ପିଇବାର ସୁଚିନ୍ତିତ ବନ୍ଦୋବସ୍ତ ହେଇଥିଲା, ସେଥିପାଇଁ ଏତେ ଅର୍ଥ ଆସିଲା କେଉଁଠୁ । ଗୋଟିଏ ମୋବାଇଲ୍ ମରାମତି ଦୋକାନ କରିଥିବା ଜୁନୈଦ୍ ନାମକ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ବାର୍ତ୍ତା ଦେଉଛନ୍ତି ଯେ ସେ ୩୭ ଦିନ ଧରି ମାଗଣାରେ ଆନ୍ଦୋଳନକାରୀ ମାନଙ୍କୁ ଦିନକୁ ଚାରିଥର ଖାଇବାକୁ ଦେଇଛନ୍ତି । ମୋବାଇଲ୍ ଫୋନ୍ ମରାମତିରୁ ସେ କେତେ ଟଙ୍କା ଆୟ କରୁଥିଲେ ଯେ ଦାନବୀର ହରିଶ୍ଚନ୍ଦ୍ର ଙ୍କ ପରି କୋଟି କୋଟି ଟଙ୍କା ଟଙ୍କା ଖର୍ଚ୍ଚ କରିଦେଲେ । ଏତେ ଟଙ୍କା ସେ ଆଣିଲେ କେଉଁଠୁ ? ମନକୁ ସ୍ୱତଃ ପ୍ରଶ୍ନ ଆସେ, ଭାରତରେ ରହି ଭାରତ ବିରୋଧରେ ବିଷୋଦଗାର କରୁଥିବା ଓ ବିଦେଶରେ ଥିବା କିଛି ଭାରତ ବିରୋଧୀ ଶକ୍ତିଙ୍କର ଏଥିରେ ହାତ ନାହିଁ ତ ? ଶିକ୍ଷା ବିଭାଗର ମୁଖିଆ ହିସାବରେ ଭୁଲ୍ ପାଇଁ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଥା ଠିକ୍ ଅଛି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀଙ୍କୁ ମାଆ ଭଉଣୀ ନେଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା, ତାଙ୍କ କୁଶପୁତ୍ତଳିକାକୁ ଜୋତାରେ ପିଟିବା ଓ ଦାହ କରିବା, ଜେନ୍ ଜିଙ୍କ ଦ୍ୱାରା ଯେମିତି ନେପାଳ ଓ ବାଂଲାଦେଶରେ ବିଚିତ୍ର ରାଜନୈତିକ ଅସ୍ଥିରତା ଓ ପରିସ୍ଥିତି ସୃଷ୍ଟି ହେଇଥିଲା ଭାରତରେ ସେମିତି ପରିସ୍ଥିତି ସୃଷ୍ଟି କରିବାର ଖୁଲମଖୁଲା ଧମକ୍ ଦେବା, ଗାଡିଘୋଡା ଭଙ୍ଗାରୁଜା କରିବା, ସରକାରୀ ସମ୍ପତ୍ତି ନଷ୍ଟ କରିବା, ଜେଲରେ ଥିବା କିଛି ଦେଶ ବିରୋଧୀ ତତ୍ତ୍ୱ ସପକ୍ଷରେ ନାରାବାଜି କରିବା, ମହିଳା ସାମ୍ବାଦିକଙ୍କୁ ଅତ୍ୟନ୍ତ କଦର୍ଯ୍ୟ ବ୍ୟବହାର ଦେଖେଇବା, ଟେକା ପଥର ମାଡ଼ କରିବା, ପୁଲିସ୍ ଉପରକୁ ଲଙ୍କା ଗୁଣ୍ଡ ସ୍ପ୍ରେ କରିବା, ପୁଲିସ୍ ବାହିନୀକୁ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉସୁକେଇବା, ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି କରିବା ଇତ୍ୟାଦି କ'ଣ ଠିକ୍ ? ପ୍ରଶ୍ନପତ୍ର ଲିକ୍ ର ଧର୍ମ ସହିତ ସମ୍ପର୍କ କ'ଣ ? ମହାକାବ୍ୟ ରାମାୟଣରେ ବର୍ଣ୍ଣିତ ଜଗତଜନନୀ ମାଆ ସତୀ ସୀତାଙ୍କୁ ନେଇ କୁତ୍ସିତ ମନ୍ତବ୍ୟ ଦେବା କେତେଦୂର ଠିକ୍ ? ସଂସଦ ଭବନ ଉଡ଼େଇ ଦେବାର ଧମକ୍ ଓ ଆମେ ଚାହୁଁ ଆଜାଦି ର ଅର୍ଥ କ'ଣ ? ଏଥିସହିତ ଧାରା ୩୭୦ ଉଚ୍ଛେଦ ବିରୋଧରେ କହିବା, ସିଏଏ, ଏନ୍‌ଆର୍‌ସି ଭଳି ସମ୍ବେଦନଶୀଳ ବିଷୟ ଉପରେ ନାରାବାଜି କରିବା କେତେଦୂର ଯୁକ୍ତିଯୁକ୍ତ ? ଯେତେବେଳେ ଆନ୍ଦୋଳନକାରୀ ସବୁ ସୀମା ସରହଦ ଡେଇଁଲେ, ପୁଲିସ୍ ପ୍ରଶାସନ କିଛିଟା ବଳ ପ୍ରୟୋଗ କରିବାକୁ ବାଧ୍ୟ ହେଲା । ସରକାର ଯଦି ଛାତ୍ର ଆନ୍ଦୋଳନ ଦମନ ନୀତି ମୂଳରୁ ଆପଣେଇ ଥାଆନ୍ତେ, ପ୍ରଥମ ଦିନରୁ ହୁଏତ ପୁଲିସ୍ ବାହିନୀକୁ ବଳପ୍ରୟୋଗ କରିବା ପାଇଁ ନିର୍ଦ୍ଦେଶ ଦେଇ ଥାଆନ୍ତେ । ବୋଧହୁଏ ସରକାରଙ୍କର ସେମିତି କିଛି କଠୋର ମନୋଭାବ ନଥିଲା ଛାତ୍ର ମାନଙ୍କ ପ୍ରତି ମୂଳରୁ । ଯେତେବେଳେ ସ୍ଥିତି ଅଧିକରୁ ଅଧିକ ଜଟିଳ ହେବାକୁ ଲାଗିଲା, ସେତେବେଳେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ନେଲା । ସତକଥା ହେଉଛି ପୁଲିସ୍ କାର୍ଯ୍ୟାନୁଷ୍ଠାନ ବେଳେ କକ୍ରୋଚ ଜନତା ପାର୍ଟିର ମୁଖିଆମାନେ ଆଗରେ ନଥିଲେ । ଯେଉଁମାନେ ମାଡ଼ ଖାଇଲେ, ଛାତ୍ରଛାତ୍ରୀ ମାନଙ୍କ ପ୍ରତି ସେମାନଙ୍କର ଦରଦ କେତେ, ସେକଥା କାହାକୁ ଜଣାଅଛି କି ନାହିଁ, ସେକଥା ଈଶ୍ୱର ଜାଣନ୍ତି । ଆନ୍ଦୋଳନରରେ ତ ଏମିତି କିଛି ଲୋକ ଥିଲେ ଯେଉଁମାନେ ଜାଣି ନଥିଲେ ସେମାନେ କ'ଣ ପାଇଁ ଆସିଛନ୍ତି ଓ ଆନ୍ଦୋଳନ କ'ଣ ପାଇଁ ଚାଲିଛି । ଛାତ୍ର ଆନ୍ଦୋଳନର ସୁଯୋଗ ନେଇ କିଛି ଅସାମାଜିକ ଓ ଦେଶ ବିରୋଧୀ ଶକ୍ତି ଦେଶର ସୁରକ୍ଷା ଓ ସମୃଦ୍ଧିକୁ ବାଧା ପହଞ୍ଚେଇବାକୁ ହୀନ ଉଦ୍ୟମ କରୁ ନାହାନ୍ତି ତ । ଛାତ୍ର ଆନ୍ଦୋଳନରେ ସାମିଲ୍ ଥିବା କିଛି ଯୁବକ ଯୁବତୀ ତ ଏମିତି କଦର୍ଯ୍ୟ ଭାଷା କହୁଥିଲେ ମିଡ଼ିଆ ଆଗରେ, ଯାହା ଜଣେ ସାମାନ୍ୟ ଶିକ୍ଷିତ ବ୍ୟକ୍ତିଙ୍କ ପାଖରୁ କେବେବି ଆଶା କରାଯାଇ ପାରେନି । ଆମ ଶିକ୍ଷାବ୍ୟବସ୍ଥାରେ ଥିବା ସିଲାବସରେ କ'ଣ ଏମିତି ଭାଷା ସବୁ ଲେଖା ଯାଇଛି କି ? ଭାରତର ଗୌରବମୟ ଯାଯୁଲ୍ୟମାନ ସଭ୍ୟତା, ସଂସ୍କୃତି ଓ ସଂସ୍କାରକୁ ଏମିତି ପାଦରେ ଦଳି ମକଚି ଦେବାକୁ ଅପଚେଷ୍ଟା କରିବା ଅତ୍ୟନ୍ତ ନିନ୍ଦନୀୟ । ୨୯ ତାରିଖ ରାତି ୯ଟା ବେଳେ ଜାତୀୟ ସ୍ତରର ଏକ ଇଂରାଜୀ ଖବର ଚ୍ୟାନେଲ ଦେଖୁଥିଲା ଏ ଅଧମ ଅକିଞ୍ଚନ । ଆଲୋଚନା ହେଉଥିଲା ଯେ ଆନ୍ଦୋଳନରେ ସାମିଲ୍ ଥିବା ବ୍ୟକ୍ତିମାନଙ୍କ ଭିତରୁ ୦୬ ଜଣ କୁଆଡ଼େ ପୋସ୍କୋ ଆଇନ୍ ରେ ଛନ୍ଦି ହେଇଥିଲେ । ଏହା ବ୍ୟତୀତ ୬୭ ଜଣ ଡ୍ରଗ୍ସ କାରବାର, ୨୨୯ ଜଣ ଅସ୍ତ୍ରଶସ୍ତ୍ର ଆଇନ୍, ୨୫ ଜଣ ମୋଲେଷ୍ଟେସନ୍ କେସେସ୍, ୧୦୧ ଜଣ ମର୍ଡର କେସେସ୍, ୬୨ ଜଣ ଅନ୍ୟକୁ ମରଣାନ୍ତକ ଆକ୍ରମଣ କରିବା ଭଳି ବିଭିନ୍ନ କ୍ରିମିନାଲ ଘଟଣାରେ ସଂପୃକ୍ତ । ଏଇଠି ସରିନାହିଁ ତାଲିକା । ଏହି ଆନ୍ଦୋଳନରେ କୁଆଡ଼େ ୬୧ ଜଣ ଧର୍ଷଣ ମାମଲାରେ ଜଡିତ, ୨୮୪ ଜଣ ଚୋରି ଡକେଇତି ମାମଲାରେ ଜଡିତ ଓ ୧୩୫ ଜଣ ଛିନତାଇ ମାମଲାରେ ସଂପୃକ୍ତ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଥିଲେ । ଏମିତି ମୋଟ ୨୮୭୩ ଜଣ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ବ୍ୟକ୍ତି ଆନ୍ଦୋଳନରେ ସାମିଲ୍ ଥିଲେ । ଅବଶ୍ୟ ଏ ସମସ୍ତ ତଥ୍ୟ ତଦନ୍ତ ସାପେକ୍ଷ । ଏ ସମସ୍ତ ବିଷୟର ବାସ୍ତବତା ପୁଲିସ୍ ଯଦି ଠିକ୍ ରେ ତଦନ୍ତ କରେ, ନିଶ୍ଚୟ ସତ ପଦାକୁ ଆସିବ । ବାସ୍ତବରେ ଯେଉଁମାନେ ସାମ୍ବାଦିକତା କୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଛନ୍ତି, ଦେଶ ଓ ସମାଜର ମଙ୍ଗଳ ପାଇଁ କାମ କରୁଛନ୍ତି, ସେମାନଙ୍କୁ କୋଟି ଧନ୍ୟବାଦ । ନିଆଁ ନଥିଲେ, କେବେ ଧୁଆଁ ବାହାରିବ ନାହିଁ । ଛାତ୍ରଛାତ୍ରୀ ଓ ଦେଶର ଭବିଷ୍ୟତ ପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନଙ୍କ ଚିନ୍ତାଧାରାକୁ ଏ ଦେଶ ସମ୍ମାନ ଦେବା ଉଚିତ୍ ଓ ସେମାନଙ୍କର ନକାରାତ୍ମକ ଭାବନା ଓ ଅତ୍ୟଧିକ ଭାବପ୍ରବଣତାକୁ କେମିତି ସକାରାତ୍ମକ ଭାବରେ ବିନିଯୋଗ କରିହେବ ସେ ବିଷୟରେ ଏ ଦେଶର ଶାସନ ପ୍ରଶାସନ, ରାଜନୈତିକ ବ୍ୟକ୍ତିବିଶେଷ, ସମାଜର ଚିନ୍ତାଶୀଳ ବ୍ୟକ୍ତି ଓ ବୁଦ୍ଧିଜୀବିମାନେ ଗଭୀର ଭାବରେ ଚିନ୍ତନ କରିବାର ଆବଶ୍ୟକତା ରହିଛି । ଛାତ୍ରଛାତ୍ରୀମାନଙ୍କର ମୁଣ୍ଡର ଭସଚାଟି ସେମାନଙ୍କୁ ବିପଥଗାମୀ କରିବାକୁ ଯଦି କେହି ଚେଷ୍ଟା କରୁଥାଏ, ସେମିତି ଶକ୍ତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ତୁରନ୍ତ ଆବଶ୍ୟକ ଦେଶର ସୁରକ୍ଷା ଓ ସମୃଦ୍ଧି ପାଇଁ ।

ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଓ ବ୍ୟବସ୍ଥାରେ ଘଟୁଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରିବା ବଡ଼କଥା । ବ୍ୟବସ୍ଥାରେ ଥିବା ତ୍ରୁଟି ସୁଧାରିବା ନିମନ୍ତେ କେହି ପଦୁଟିଏ କହୁଥିବାର ତମାମ ଆନ୍ଦୋଳନ ଭିତରେ କାହିଁ ଶୁଣା ଯାଇନି । ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଓ ଆନ୍ଦୋଳନ ହଟିବା ପରେ ଅନେକ ଜଣାଶୁଣା ବ୍ୟକ୍ତିବିଶେଷ ଗଣତନ୍ତ୍ର ଓ ଛାତ୍ରଛାତ୍ରୀମାନଙ୍କର ବିଜୟ ହେଇଛି ବୋଲି ମିଡ଼ିଆ ଆଗରେ ଓ ଟିଭି ଚ୍ୟାନେଲରେ ମନ୍ତବ୍ୟ ଦେଉଛନ୍ତି । ଏହାର ଅର୍ଥ ଏହିମାନେ ପ୍ରଚ୍ଛଦପଟ୍ଟରେ ରହି ରାଜନୈତିକ ରୁଟି ସେକୁଥିଲେ । କେଉଁ ଏକ ହୋଟେଲରେ ଅନେକ ଯୁବକଯୁବତୀ 'ଚୁମ୍ମା ଦେ ଦେ ଚୁମ୍ମା' ଗୀତରେ ଉଦଣ୍ଡ ନୃତ୍ୟ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଏ ସମସ୍ତ ବିଷୟକୁ ତର୍ଜମା କଲେ ବୁଝି ହେଉଛି ଯେ ଛାତ୍ର ଆନ୍ଦୋଳନ ସହିତ ନିଶ୍ଚିତ କିଛି ଅସାମାଜିକ ତତ୍ତ୍ୱ ଓ ଶାଗୁଣା ସ୍ୱଭାବର ଲୋକ ସାମିଲ୍ ଥିଲେ ଯେଉଁମାନେ ନିଜ ନିଜର ବାଟରେ ଫାଇଦା ହାସଲ କରିବାକୁ ଶତପ୍ରତିଶତ ଚେଷ୍ଟା କରିଥିଲେ ।

ଆନ୍ଦୋଳନ ଓ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର କିଛି ବଡ଼ ପଦକ୍ଷେପ ନେଇଛନ୍ତି । ପ୍ରଶ୍ନପତ୍ର ଲିକ୍ ଘଟଣାରେ ସଂପୃକ୍ତ ବ୍ୟକ୍ତି ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଇଛି । ଚାରି ଡର୍ଜନ ପାଖାପାଖି ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି ଓ ଆଇନଗତ ପ୍ରକ୍ରିୟା ଆରମ୍ଭ ହେଇଛି । ଭବିଷ୍ୟତରେ ଯେମିତି ଏମିତି ପ୍ରଶ୍ନପତ୍ର ଲିକ୍ ନହୁଏ, ସେଥିପାଇଁ ମଧ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରୁଛନ୍ତି । ଭବିଷ୍ୟତରେ ଯଦି ଏମିତି ଘଟେ ତାହେଲେ ଦୋଷୀଙ୍କୁ ଦଶବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବା ସହିତ ଓ ଦଶ କୋଟି ଟଙ୍କାର ଜୋରିମାନା ଦେବାକୁ ପଡିବ । ଏମିତି ଏକ ନିୟମ ସରକାର ଆଣୁଛନ୍ତି ଯାହା ନିଶ୍ଚିତ ସ୍ୱାଗତଯୋଗ୍ୟ । ପରୀକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ସରକାର ଇନଫୋସିସ୍‌ର କୋ ଫାଉଣ୍ଡର ଓ ୟୁଆଇଡିଆଇଏ ର ପୂର୍ବତନ ଚେୟାରମେନ ନନ୍ଦନ ନୀଲକେନିଙ୍କ ନେତୃତ୍ୱରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବି ଗଠନ କରିଛନ୍ତି । କଟିଟିର ପ୍ରସ୍ତାବ ମୁତାବକ କେମିତି ସକାରାତ୍ମକ ଭାବରେ ପରୀକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସି ପାରିବ, ସେ ବାବଦରେ ସରକାର ନିଶ୍ଚୟ ଚିନ୍ତା କରିବେ ବୋଲି ବିଶ୍ୱାସ । ଏଥିସହିତ ଆମ ବ୍ୟବସ୍ଥାରେ କେଉଁଠି ତ୍ରୁଟି , ଗଳାବାଟ ରହୁଛି ଓ ବ୍ୟବସ୍ଥାକୁ କେମିତି ଆହୁରି ସୁଦୃଢ଼ କରିହେବ, ସେ ବାବଦରେ ସରକାର ଓ ସମାଜ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ମନେହୁଏ ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ: ୯୪୩୭୩୨୦୩୫୦*

ଜାତୀୟ ଚେତନା
JATIYA CHETANA



# ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ଭୁବନେଶ୍ୱର,(ଜା.ପ୍ର): ଚଳିତ ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୨ ଲକ୍ଷ ୬୯ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୧୭ ଓଡ୍ରାଫ୍, ୭ ଏନ୍‌ଡିଆର୍‌ଏଫ୍, ୧୨୯ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ୍ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲାଗୁଡ଼ିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ରସ୍ତରରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ପାଣି ଛାଡ଼ିବାର ୩ ଦିନ ଭିତରେ କ୍ଷୟକ୍ଷତି ଆକଳନ ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆକାଶ ମାର୍ଗରୁ ୫ଟି ଜିଲ୍ଲାର ୧୨ରୁ ଅଧିକ ବ୍ଲକର ସ୍ଥିତି ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ସୂଚନା ଦେଇଛନ୍ତି।

ବନ୍ୟାସ୍ଥିତି ଅନୁଧ୍ୟାନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଞ୍ଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହିସବୁ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି। ପରିସ୍ଥିତି ଧିରେ ଧିରେ ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡ଼ି ଯିବାର ସମ୍ଭାବନା ଅଛି। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି। ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ଜିରୋ କାଜୁଆଲଟିକୁ ଗୁରୁତ୍ୱ ଦିଆଯାଇଛି। ବନ୍ୟା ପ୍ରପୀଡ଼ିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇ ଦିଆଯାଉଛି। କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକୁ ମଧ୍ୟ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ୍ୟ କଡ଼ା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ଼ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ବନ୍ୟା ମୁକାବିଲା ପାଇଁ କେନ୍ଦ୍ରର ସହାୟତା, ଓଡ଼ିଶାକୁ ଦ୍ୱିତୀୟ କିସ୍ତିରେ ୫୦୦ କୋଟି ମଞ୍ଜୁର

ଭୁବନେଶ୍ୱର,(ଜା.ପ୍ର): ମୌସୁମୀ ବର୍ଷା ବିପ୍ୱାତରେ ଦେଶର ବିଭିନ୍ନ ରାଜ୍ୟ ବନ୍ୟା କବଳିତ ହୋଇଛନ୍ତି। ଏହି ପରିସ୍ଥିତିରେ ଆବଶ୍ୟକ ରିଲିଫ୍, ଉଦ୍ଧାର ଓ ପୁନର୍ବାସ ସହାୟତା ଯୋଗାଇବାକୁ କେନ୍ଦ୍ର ସରକାର ନିଜର ପ୍ରତିବଦ୍ଧତା ଦେଖାଇଛନ୍ତି। ଏହିକ୍ରମରେ ୨ ହଜାର ୧୧୭ କୋଟି ୮୫ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସହାୟତା ମଞ୍ଜୁର କରାଯାଇଛି। ଏହା ରାଜ୍ୟଗୁଡ଼ିକର ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ କେନ୍ଦ୍ରୀୟ ଅବଦାନ ଭାବେ ପ୍ରଦାନ କରାଯିବ। ଏ ଭିତରେ ୭ଟି ବନ୍ୟା ପ୍ରଭାବିତ ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍)ଙ୍କୁ ପ୍ରଥମ କିସ୍ତି କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଥିବା ବେଳେ ହିମାଚଳ ପ୍ରଦେଶ, ନାଗାଲ୍ୟାଣ୍ଡ ଏବଂ ଓଡ଼ିଶାକୁ ଦ୍ୱିତୀୟ କିସ୍ତି ଅର୍ଥରାଶି ମଞ୍ଜୁର କରାଯାଇଛି। ଓଡ଼ିଶା ପାଇଁ ମଞ୍ଜୁର ହୋଇଥିବା ସହାୟତା ରାଶିର ପରିମାଣ ରହିଛି ୫୦୦ କୋଟି ଟଙ୍କା। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏନେଇ ଏକ ବିବୃତ୍ତିରେ ସ୍ପଷ୍ଟ କରିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଚଳିତ ବର୍ଷ ମୌସୁମୀ ଋତୁ ଆରମ୍ଭରୁ ହିଁ ଭାରତ ସରକାର ରାଜ୍ୟ ସରକାରଗୁଡ଼ିକ ସହ ପ୍ରତ୍ୟକ୍ଷ ସମନ୍ୱୟ ରଖି ବନ୍ୟା ପରିସ୍ଥିତି ଉପରେ କ୍ରମାଗତ ନଜର ରଖିଛନ୍ତି।କ୍ଷୟକ୍ଷତିର ଆକଳନ କରିବା ପାଇଁ ଅରୁଣାଚଳ ପ୍ରଦେଶ ଏବଂ ଆସାମକୁ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ଗସ୍ତ କରିଛନ୍ତି। ବନ୍ୟା ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆସାମ ପାଇଁ ଦୁଇଟି କେନ୍ଦ୍ରୀୟ ଟିମ୍ ଗଠନ କରାଯାଇଛି। ସେହିପରି ନାଗାଲାଣ୍ଡ ସରକାରଙ୍କ ଅନୁରୋଧ କ୍ରମେ ସେହି ରାଜ୍ୟ ପାଇଁ ମଧ୍ୟ ଗୋଟିଏ କେନ୍ଦ୍ରୀୟ ଗଠନ କରାଯାଇଛି। ଏହା ବ୍ୟତୀତ, ରିଲିଫ୍ ସମ୍ବନ୍ଧୀୟ ସମ୍ବଳର ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି, ପ୍ରଯୁଜ୍ୟ ନିର୍ଦ୍ଦେଶାବଳୀ ଅଧୀନରେ ଥିବା ନଥିପତ୍ର ଆବଶ୍ୟକତାକୁ କୋହଳ କରି ଅରୁଣାଚଳ ପ୍ରଦେଶ, ଆସାମ, ଗୁଜରାଟ ଏବଂ ମହାରାଷ୍ଟ୍ର ଏସ୍‌ଡିଆର୍‌ଏଫ୍ ପାଇଁ କେନ୍ଦ୍ରୀୟ ଭାଗର ପ୍ରଥମ କିସ୍ତିର ଅଗ୍ରିମ ରାଶି ମଧ୍ୟ ମଞ୍ଜୁର କରାଯାଇଛି। ପ୍ରଭାବିତ ରାଜ୍ୟଗୁଡ଼ିକ ପାଇଁ ମଞ୍ଜୁର ହୋଇଥିବା ସହାୟତା ମଧ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ଏସ୍‌ଡିଆର୍‌ଏଫ ପାଇଁ କେନ୍ଦ୍ରୀୟ ଭାଗର ପ୍ରଥମ କିସ୍ତିକୁ ଅଗ୍ରୀମ ଭାବେ ଅରୁଣାଚଳ ପ୍ରଦେଶକୁ ପ୍ରଦାନ କରାଯାଇଛି। ଏହାର ପରିମାଣ ୪୪.୫୫ କୋଟି ଟଙ୍କା। ସେହିପରି ପ୍ରଥମ କିସ୍ତୀର ଅଗ୍ରୀମ ଭାବେ ଆସାମକୁ ୩୭୯.୩୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଗୁଜରାଟ ପାଇଁ ୫୦୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। ୨୦୨୬-୨୭ ଏସ୍‌ଡିଆର୍‌ଏଫ ପାଇଁ ପ୍ରଥମ କିସ୍ତି ପାଇସାରିଥିବା ହିମାଚଳ ପ୍ରଦେଶକୁ କେନ୍ଦ୍ରୀୟ ଭାଗର ଦ୍ୱିତୀୟ କିସ୍ତିର ଅଗ୍ରୀମ ଭାବେ ୧୯୩.୯୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମହାରାଷ୍ଟ୍ର ପାଇଁ ପ୍ରଥମ କିସ୍ତିର ଅଗ୍ରୀମ ଭାବେ ୫୦୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏହି ଅନୁମୋଦନ ସହିତ, ବନ୍ୟା ପ୍ରଭାବିତ ରାଜ୍ୟଗୁଡ଼ିକର ଚାଲୁ ରହିଥିବା ରିଲିଫ୍ ଏବଂ ପ୍ରତିକ୍ରିୟାମୂଳକ ପଦକ୍ଷେପକୁ ସୁଦୃଢ଼ କରିବା ପାଇଁ ମୋଟ ୨,୧୧୭.୮୫ କୋଟି ଟଙ୍କା ଉପଲବ୍ଧ କରାଯାଇଛି।

# ୩୭ ଲକ୍ଷ ଚଲୁ: ଜୁନିଅର୍ ଆସିଷ୍ଟାଣ୍ଟ୍ ଗିରଫ

ଭୁବନେଶ୍ୱର,(ଜା.ପ୍ର): ୩୭.୩୨ ଲକ୍ଷ ଟଙ୍କାର ହରିଲୁଟ୍ ମାମଲାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଜଗାଇ ସ୍ଥିତ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର କନିଷ୍ଠ ସହାୟକ (ଜୁନିୟର ଆସିଷ୍ଟାଣ୍ଟ) ଦେବଦ୍ୟୁତି ନନ୍ଦଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବି.ଇ.ଓ କାର୍ଯ୍ୟାଳୟରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟ କରୁଥିବା ବେଳେ ୩୭ ଲକ୍ଷ ୩୨ ହଜାର ୭୦୮ ଟଙ୍କାର ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଶ୍ରୀ ନନ୍ଦ ୨୦୨୨ରୁ ୨୦୨୬ ମସିହା ମଧ୍ୟରେ ବାଲିଆପାଳ ବି.ଇ.ଓ କାର୍ଯ୍ୟାଳୟର ବିଲ୍ କ୍ଲର୍କ-କମ୍-ଆକାଉଣ୍ଟାଣ୍ଟ ଭାବେ ନିଜ ପଦବୀର ଦୁରୁପଯୋଗ କରି ବି.ଇ.ଓଙ୍କ ଅଧୀନରେ ଥିବା ଅନ୍ୟ କର୍ମଚାରୀଙ୍କ ବକେୟା ମହଙ୍ଗା ଭତ୍ତା ବିଲ୍ ସହ ନିଜର ଜାଲ୍ ବକେୟା ଦରମା ବିଲ୍ ଯୋଡ଼ି ଏହି ଜାଲିଆତି କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ ଶ୍ରୀ ନନ୍ଦଙ୍କ ବିରୋଧରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକାଧିକ ଧାରାରେ ମାମଲା ରୁଜୁ କରାଯାଇଛି।

# ୨ କୋଟିର ସୁନା ଅଳଙ୍କାର ଚୋରି

ଭୁବନେଶ୍ୱର,(ଜା.ପ୍ର): ରାଜଧାନୀ ଭୁବନେଶ୍ୱରର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧେଶ୍ୱରୀ କଲୋନୀରେ ଜଣେ ବିଲ୍‌ଡରଙ୍କ ଘରୁ ୨ କୋଟି ଟଙ୍କାର ସୁନା ଅଳଙ୍କାର ସହ ୫ ଲକ୍ଷ ଟଙ୍କା ଲୁଟ ହୋଇଛି। ଘରେ କେହି ନଥିବା ବେଳେ ଦୁର୍ବୃତ୍ତମାନେ ଏଭଳି କଳାକନା ବୁଲାଇଛନ୍ତି। ଏନେଇ ଲକ୍ଷ୍ମୀସାଗର ଥାନାରେ ବିଲ୍‌ଡର ପ୍ରୀତମ କୁମାର ଜେନା ଏତଲା ଦେଇଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା (ନଂ.୫୫୬/ ୨୦୩୬)ର ରୁଜୁ କରି ତଦନ୍ତ ଜାରି ରଖିଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରୀତମ ଓ ତାଙ୍କ ପରିବାର ସଦସ୍ୟମାନେ ଶୁକ୍ରବାର ରାତିରେ କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସମୟରେ ଚୋରମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଏହାପରେ ଆଲମୀରା ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଚୋରି କରିଥିଲେ। ଚୋରମାନେ ପୂର୍ବରୁ ରେକି କରି ଏଭଳି ଅପରାଧିକ କାଣ୍ଡ ଘଟାଇଥିବା ପୁଲିସ ସନ୍ଦେହ କରୁଛି। ଲକ୍ଷ୍ମୀସାଗର ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରାଯାଉଛି। କେତେଜଣ ଏହି ଚୋରି କରିଛନ୍ତି ତାହା ଜଣାପଡିନାହିଁ। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ୬ ବିଭାଗର ୧୧ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# 'ସମସ୍ତଙ୍କ ପାଇଁ ଓଡ଼ିଶା ଗୃହ ନିର୍ମାଣ' ନୀତିର ପରିକଳ୍ପନା

ଭୁବନେଶ୍ୱର,(ଜା.ପ୍ର): ସହରାଞ୍ଚଳରେ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇବା ପାଇଁ ଓଡ଼ିଶା ସରକାର 'ସମସ୍ତଙ୍କ ପାଇଁ ଓଡ଼ିଶା ଗୃହ ନିର୍ମାଣ' ନୀତିର ପରିକଳ୍ପନା କରିଛନ୍ତି। ସହରାଞ୍ଚର ସମସ୍ତ ଯୋଗ୍ୟ ପରିବାରକୁ ୨୦୨୯ ସୁଦ୍ଧା ପକ୍କାଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ର ପରିପୂରକ ଭାବେ 'ପିଏମ୍‌ଏୱାଇ-(ୟୁ) ବନ୍ଧୁ' ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଯେଉଁଥି ପାଇଁ ୧୬୧୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ୨୦୨୯ ସୁଦ୍ଧା ପୁଞ୍ଜିଗତ ବ୍ୟୟ ଏବଂ ରାଜସ୍ୱ ବ୍ୟୟ ପାଇଁ ବ୍ୟବହାର କରାଯିବ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬ ବିଭାଗର ୧୧ ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି। ଏଥିରେ ଅର୍ଥ ବିଭାଗର ୧ଟି, ଆଇନ ବିଭାଗର ୧ଟି, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ (ଏସ୍‌ଟିଏସ୍‌ସି ) ବିଭାଗର ୧ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୧ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨ଟି ଏବଂ ଜଳସମ୍ପଦ ବିଭାଗର ସର୍ବାଧିକ ୫ଟି, ଏହିପରି ମୋଟ ୬ଟି ବିଭାଗର ୧୧ଟି ପ୍ରସ୍ତାବ ଅର୍ନ୍ତଭୁକ୍ତ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଓଡ଼ିଶା ସରକାର ୨୦୧୭ ମସିହାରୁ ରାଜ୍ୟର ସମସ୍ତ ୧୧୫ଟି ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଏବଂ ପିଏମ୍‌ୟୁ-୨.୦ କାର୍ଯ୍ୟକାରୀ କରିଆସୁଛନ୍ତି। ରାଜ୍ୟରେ ନୂତନ ଭାବେ ଘୋଷଣା କରାଯାଇଥିବା ୨୮ଟି ସହରାଞ୍ଚଳରେ ମଧ୍ୟ ପିଏମ୍‌ୟୁ-୨.୦ କାର୍ଯ୍ୟକାରୀ କରାଯିବ। ଓଡ଼ିଶା ପରିକଳ୍ପନା ଦସ୍ତାବିଜ (ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା), ଯେଉଁଥିରେ ପକ୍କାଘର ସଂଖ୍ୟାକୁ ୨୦୨୪ ମସିହାର ୫୯% ରୁ ୨୦୨୯ ସୁଦ୍ଧା ୯୦% କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ତାହାକୁ ଆଧାର କରି ରାଜ୍ୟ ସରକାର ୨୦୨୫-୨୦୩୦ ମଧ୍ୟରେ ପିଏମ୍‌ୟୁ-୨.୦ ଅଧୀନରେ ଅତିରିକ୍ତ ୩.୦-୩.୫ ଲକ୍ଷ ସହରାଞ୍ଚଳ ପରିବାରକୁ ଗୃହ ନିର୍ମାଣ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖୁଛନ୍ତି। ପିଏମ୍‌ୟୁ-୨.୦ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ, ରାଜ୍ୟ ଦ୍ୱାରା କେତେକ ଅଭିନବ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଅନୁଭୂତ ହୋଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ବନ୍ଧୁ ପିଏମ୍‌ୟୁ ହିତାକାରୀମାନଙ୍କର ପ୍ରକୃତ ବନ୍ଧୁ ହେବ। ଉକ୍ତ ଯୋଜନା ସାରା ରାଜ୍ୟରେ, ବିଶେଷ କରି ଛୋଟ ସହରଗୁଡ଼ିକରେ ଯେଉଁଠାରେ ପୂର୍ବରୁ ଭାଏବିଲିଟି ଏକ ଆହ୍ୱାନ ଥିଲା, ସେଠାରେ ସହଭାଗିତାରେ ସୁଲଭ ଗୃହ ନିର୍ମାଣ, ସୁଲଭଭଡ଼ା ଘର ଏବଂ ଟ୍ରାଞ୍ଜିଟ୍ ହାଉସ୍ କାର୍ଯ୍ୟକାରୀ କରିବା ପାଇଁ 'ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ' ସହାୟତା ପ୍ରଦାନ କରିବାରେ ଏକ ସହାୟକ ଭାବେ କାର୍ଯ୍ୟ କରିବ। ଏହି ଯୋଜନା ମାଧ୍ୟମରେ ଆଗାମୀ ୫ ବର୍ଷରେ ପ୍ରାୟ ୩୦,୦୦୦ ଏଏଚ୍‌ପି ୟୁନିଟ୍ ଏବଂ ୧୦,୦୦୦ ଏଆର୍‌ପି ଓ ଟିଏଚ୍ ୟୁନିଟ୍ ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ଗଠନ ନିମନ୍ତେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ ସଂଶୋଧନ ବିଲ୍ ଅନୁମୋଦନ ଲାଭ କରିଛି। ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ପାଇଁ ଦୁଇଟି କ୍ଷେତ୍ରରେ ୧୪୫ କୋଟି ୭୦ ଲକ୍ଷ ୮୯,୮୦୨ ଏବଂ ୧୧୨ କୋଟି ୫୧ ଲକ୍ଷ ୯୭,୧୨୫ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି।

ଜାତୀୟ ଚେତନା
JATIYA CHETANA





# ସବୁଜ ସ୍ୱର୍ଗ

## ଶ୍ରୀକାନ୍ତ ମହାରଣା

ଗାଁ ହାଇସ୍କୁଲର ସେହି ପୁରୁଣା ଆସବାବ ଏବଂ ବାରଣ୍ଡାରେ ଆଜି ଯେପରି ଗୋଟିଏ ଯୁଗର ଅନ୍ତ ଘଟୁଥିଲା। ଗାଁ ହାଇସ୍କୁଲରେ ଆଜି ପରେଶବାବୁଙ୍କର ଶେଷଦିନ ଥିଲା। ଦୀର୍ଘ ବତିଶ ବର୍ଷର ସୁଦୀର୍ଘ, ନିଷ୍ପାପର ଶିକ୍ଷକତା ଜୀବନର ଆଜି ଥିଲା ଅନ୍ତିମ ଦିବସ। ନିଜ କାର୍ଯ୍ୟକାଳର ଶେଷ ଦିନଟିରେ ଗାଆଁର କିଛି ପୁରୁଖାଲୋକ, ସ୍କୁଲର ସହକାରୀ ଶିକ୍ଷକ ଏବଂ ଆଖିରେ ଲୁହ ଭରିଥିବା କୋମଳମତି ଛାତ୍ରଛାତ୍ରୀମାନେ ସମସ୍ତେ ମିଶି ତାଙ୍କ ବିଦାୟ ସମ୍ବର୍ଦ୍ଧନା ପାଇଁ ସଭାଟିଏ ଆୟୋଜନ କରିଥିଲେ। ତାଙ୍କ ଗଳାରେ ପିନ୍ଧାଯାଇଥିବା ସୁତା ମାଳା, ହାତରେ ଧରାଇ ଦିଆଯାଇଥିବା ନାରିକେଳ ଓ ମାନପତ୍ର କେବଳ ଏକ ଆନୁଷ୍ଠାନିକତା ନଥିଲା, ତାହା ଥିଲା ତିନି ଦଶନ୍ଧିର ସ୍ନେହ, ଶ୍ରଦ୍ଧା ଓ ସମ୍ମାନର ସମ୍ପଦ।

ସଭା ସରିଗଲା। ଗହଳି ଚହଳି ଧୀରେ ଧୀରେ ପ୍ରଶମିତ ହେଲା। ସମସ୍ତେ ଯିଏ ଯୁଆଡେ ଚାଲିଗଲେ। ଶେଷଥର ପାଇଁ ସ୍କୁଲ କୋଠା ଓ ପୋଖରୀ କୂଳକୁ ଅନାଇ, ସମସ୍ତଙ୍କଠାରୁ ବିଦାୟନେଇ ପରେଶବାବୁ ଘରମୁହାଁ ହେଲେ ତାଙ୍କର ସେହି ଚିରାଚରିତ, ନିତ୍ୟବ୍ୟବହୃତ ଗ୍ରାମୀଣ ରାସ୍ତାରେ। ତାଙ୍କର ପୁରୁଣା ସାଇକେଲଟିର ଚକା ଗଡ଼ିବା ସହ ତାଙ୍କ ମନର ଅତୀତ ଫରଦଗୁଡ଼ିକ ଗୋଟିଏ ପରେ ଗୋଟିଏ ଖୋଲିବାକୁ ଲାଗିଲା।

ଆଜି ବି ପରେଶବାବୁଙ୍କ ମନେ ପଡେ ସେଇ ପୁରୁଣା ଦିନର ସବୁ କଥା। ସେଦିନ ଯେତେବେଳେ ତାଙ୍କର ବି.ଏ ପାଶ୍ ଖବରଟା ତାଙ୍କର ଏହି ଛୋଟିଆ ଗାଆଁଟିରେ ଏକ ବଡ଼ ଖବର ହୋଇ ପ୍ରଚାରିତ ହୋଇଗଲା, ସେତେବେଳେ ପରେଶବାବୁଙ୍କ ବାପା ଛାତି ଫୁଲାଇ, ଗର୍ବରେ ମୁଣ୍ଡ ଉଚ୍ଚା କରି ପରେଶ ବାବୁଙ୍କର ପିଠି ଥାପୁଡେଇ ଦେଇଥିଲେ। ଆନନ୍ଦାଶ୍ରୁ ପୋଛି କହିଥିଲେ, 'ପୁରୁ! (ପରେଶକୁ ଘର ଲୋକେ ଶ୍ରଦ୍ଧାରେ 'ପୁରୁ' ବୋଲି ଡାକନ୍ତି) ତୁ ଏଇ ବଂଶର ନାଆଁ ଉଚ୍ଚା କରିଦେଲୁ। କୁଳର ମୁଖ ଉଜ୍ଜଳ କରିଦେଲୁ। ସାତ ପୁରୁଷରୁ ଏଇ ଘରୁ—ଆରେ ଏଇ ଘରୁ କଣ, ଏଇ ଗାଆଁରୁ ବି କେହି ଜଣେ କଲେଜ ଯାଇ ନଥିଲା, ହେଲେ ତୁ କଲେଜ ଗଲୁ ଆଉ ବି.ଏ. ବି ପାଶ କଲୁ! ଗର୍ବରେ ମୋ ଛାତି କୁଣ୍ଢେମୋଟ ହୋଇ ଯାଉଛି। ସ୍ୱର୍ଗରେ ଥାଇ ଆମ ପୂର୍ବ ପୁରୁଷମାନେ ସତରେ କେତେ ଖୁସି ହେଉଥିବେ ଆଜି।'

ସେ ସମୟର କଥା ଏଇଟି, ଯେତେବେଳେ ଗାଆଁରେ ହାଇସ୍କୁଲ ନଥିଲା। ପିଲାଏ ପାଞ୍ଚ-ସାତ ମାଇଲ ଦୂରରେ ଥିବା ରାସୋଳ ହାଇସ୍କୁଲକୁ ପାଠ ପଢିବାକୁ ଯାଉଥିଲେ। ଯିବା ଆସିବା ପାଇଁ ସେପରି କିଛି ଯାନବାହାନ କିମ୍ବା ସୁବିଧା ବି ନଥିଲା ସେ ସମୟରେ। ପିଲାମାନେ ଘରୁ ଡାଲି, ଚାଉଳ, କାଠ ନେଇ ହାଇସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ଯେତେ ପିଲା ଗାଆଁ ମାଇନର ସ୍କୁଲରୁ ପାଶ କରୁଥିଲେ, ତାର ଦଶ ଭାଗରୁ ଭାଗେ ପିଲା ହାଇସ୍କୁଲ ଯାଇ ପାରୁଥିଲେ। ସମସ୍ତଙ୍କର ଆର୍ଥିକ ସୁବିଧା ଏତେ ଭଲ ନଥିଲା ଯେ, ଦୂର ଜାଗାରେ ପିଲାଙ୍କୁ ହଷ୍ଟେଲରେ ରଖେଇ ପାଠ ପଢେଇବେ। ଆଉ କଲେଜ ପାଠ ତ ବହୁତ ଦୂରର କଥା ଥିଲା। ସେ ସମୟରେ ପରେଶବାବୁ ତାଙ୍କ ଗାଆଁର ପ୍ରଥମ ଏବଂ ଏକମାତ୍ର ଗ୍ରାଜୁଏଟ ଥିଲେ।

ସେହି ସମୟରେ ପରେଶ ବାବୁଙ୍କ ଗାଆଁର କିଛି ଜଣାଶୁଣା, ଅଭିଜ୍ଞ ବୁଢ଼ା ବୁଢ଼ା ଲୋକ ମିଶି ଗାଆଁରେ ଶିକ୍ଷାର ସୁବିଧା ପାଇଁ ହାଇସ୍କୁଲଟିଏ ସ୍ଥାପନ କରିବାକୁ ଯୋଜନା କରୁଥିଲେ। ଗାଆଁ ଲୋକେ ମଧ୍ୟ ନିଜର ସାଧ ଅନୁସାରେ ଯିଏ ଯାହା ପାରିଲେ ଆର୍ଥିକ ଏବଂ ଶ୍ରମ ସହାୟତା କରିବାକୁ ଆଗେଇ ଆସିଲେ ଏବଂ ସେଇ ବର୍ଷ ସ୍କୁଲ ଆରମ୍ଭ କରିବା ପାଇଁ ସ୍ଥିର ହୋଇଥିଲା।

ସ୍କୁଲ ପାଇଁ ଗାଁ ମୁଣ୍ଡରେ ଥିବା ମୁଣ୍ଡିଆ (ଛୋଟ ପାହାଡ) ତଳେ ୧୦ ଏକର ସରକାରୀ ଜମିକୁ କଲେକ୍ଟରଙ୍କୁ କହି ସ୍କୁଲ ପାଇଁ ନିଆ ଯାଇଥିଲା। ହେଲେ ଏତେ ଶୀଘ୍ର ଏତେ ଟଙ୍କା କେଉଁଠାରୁ ଆସିବ ଯେ ସ୍କୁଲ ପାଇଁ ପକ୍କା କୋଠା ଘର ତିଆରି ହୋଇ ପାରିବ? ତେଣୁ ଗାଆଁବାଲା ସମସ୍ତେ ମିଶି କାଠଖୁଣ୍ଟ ପୋତି, ଚାରି ବଖରା ଚାଳଘର ଯେମିତି ସେମିତି କରି ତିଆରି କରିଦେଲେ। ମଝିରେ ଝାଟି ଲଗେଇ ପାର୍ଟିସନ କାନ୍ଥ ମଧ୍ୟ ହୋଇଗଲା। ପରେ ସୁବିଧା ଦେଖି ଧୀରେ ଧୀରେ ଝାଟି ଉପରେ ମାଟି ବୋଳି କାନ୍ଥ କରି ଦିଆଯିବାର ପ୍ରସ୍ତାବ ହେଲା। ଯେପରି ହେଉ ଏଇ ବର୍ଷ ଠାରୁ କ୍ଲାସ ଆରମ୍ଭ କରିବାର ଯୋଜନା ପକ୍କା କରି ଦିଆ ଯାଇଥିଲା।

ପରେଶ ବାବୁଙ୍କର ଗ୍ରାଜୁଏଟ ହେବା ଖବରଟା ପାଇ ଗାଆଁର ସମସ୍ତେ ବହୁତ ଖୁସି ହୋଇ ଯାଇଥିଲେ। ସେଦିନ ସଂଧ୍ୟାରେ ନୂଆ ସ୍କୁଲର ମ୍ୟାନେଜିଂ କମିଟିର ପ୍ରାୟ ଦଶ-ପନ୍ଦର ଜଣ ସଭ୍ୟ ପରେଶବାବୁଙ୍କ ଘରକୁ ଆସି ହାଜର। ସମସ୍ତେ ମିଶି ପରେଶବାବୁଙ୍କୁ ପାଖରେ ବସାଇ, ଗ୍ରାମର ସ୍ୱାର୍ଥ ଦୃଷ୍ଟିରୁ ତାଙ୍କୁ ସ୍କୁଲର ପ୍ରଥମ ପ୍ରଧାନଶିକ୍ଷକ ହେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ପରେଶବାବୁ ବଡ଼ ବିନମ୍ରତାର ସହିତ ପ୍ରଧାନ ଶିକ୍ଷକ ହେବାକୁ ମନା କରିଦେଇ କହିଲେ, 'ଆଜ୍ଞା, ମୁଁ ଏବେ ଏବେ କଲେଜରୁ ବାହାରିଲି। ସ୍କୁଲ ଚଳେଇବା ପାଇଁ ଯେତିକି ଜ୍ଞାନ, କୌଶଳ ଆଉ ଅଭିଜ୍ଞତା ଲୋଡା, ସେପରି କାଣିଚାଏ ଯୋଗ୍ୟତା ବି ମୋ ପାଖରେ ନାହିଁ। ମୁଁ ପ୍ରଧାନଶିକ୍ଷକ ହେବା ପାଇଁ ଯୋଗ୍ୟ ନୁହେଁ; କିନ୍ତୁ ଏହି ସ୍କୁଲରେ ଶିକ୍ଷକଟିଏ ହୋଇ ସେବା କରିପାରିଲେ ମୁଁ ନିଜକୁ ବଡ଼ ଭାଗ୍ୟବାନ ମଣିବି।'

ଶେଷରେ ସମସ୍ତଙ୍କ ସମ୍ମତିରେ ସ୍ଥିର କରାଗଲା ଯେ, ଜଣେ ରିଟାୟର୍ଡ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ପଦରେ ବର୍ଷକ ପାଇଁ ନିଯୁକ୍ତି ଦିଆଯିବ ଏବଂ ପରେଶବାବୁ ଆସିଷ୍ଟାଣ୍ଟ ହେଡମାଷ୍ଟ୍ର ହୋଇ ବର୍ଷକ ଭିତରେ ସବୁକାମ ଶିଖିଯିବେ ଓ ଆର ବର୍ଷ ଠାରୁ ନିଜେ ହେଡମାଷ୍ଟ୍ର କାମ ସମ୍ଭାଳି ନେବେ।

ସେଦିନର ସେହି ଆସିଷ୍ଟାଣ୍ଟ ହେଡମାଷ୍ଟ୍ରରୁ ଆଜିର ପୂର୍ଣ୍ଣ ଅବସର ପ୍ରାପ୍ତ ଶିକ୍ଷକ! ଆଜି ବି ମନେ ପଡେ ପରେଶବାବୁଙ୍କର, ସେଇ ଦିନ ଆଉ ଆଜି ଭିତରେ କେତେଯେ ଫରକ ଆସିଯାଇଛି ସତେ! ଦୀର୍ଘ ବତିଶ ବର୍ଷ ଭିତରେ କେତେ ଯେ ପାଣି ବୋହି ଯାଇଛି ନଈରେ, କେତେ ମେଘ ଭାସି ଯାଇଛନ୍ତି ଆକାଶରେ। କେତେ ପୁରୁଣା ଲୋକ ଗୋଟି ଗୋଟି ହୋଇ ଆରପାରିକୁ ଚାଲିଗଲେ, କେତେ ଶିଶୁ ଏଇ ଗାଆଁରେ ଜନ୍ମ ନେଲେ ଆଉ ଏଇ ଗାଁରେ, ଏଇ ସ୍କୁଲରେ ପାଠ ପଢି ଜୀବନରେ ଆଗକୁ ମାଡି ଚାଲିଗଲେ। କିଛି ପିଲା ତ ଫେରନ୍ତି ଗାଆଁକୁ, ମଝିରେ ମଝିରେ ଦେଖା ହୋଇଯାଏ। ଆଉ କେତେ ପିଲା ପାଠ ଶାଠ ପଢି ଏତେ ବଡ଼ମଣିଷ ହୋଇଗଲେ ଯେ, ଆଉ ଗାଁର ମାଟିକାଦୁଅ ଭରା ରାସ୍ତାକୁ ଫେରିବାକୁ ମନ ବଳାନ୍ତି ନାହିଁ।

ପରେଶବାବୁ ଭାବନ୍ତି—ସତରେ ତାଙ୍କ ପାଠ ପଢାରେ କିମ୍ବା ମା' ବାପାଙ୍କର ପାଳନ ପୋଷଣରେ, ନିଜ ଘର, ନିଜ ଗାଁ ପ୍ରତି ସ୍ନେହ-ମମତା ଆଉ ଦାୟିତ୍ୱବୋଧ ବିଷୟରେ ଶିଖାଇବାରେ କେଉଁଠି କିଛି ଦୋଷ ରହିଗଲା କି? ନା ଗାଁ ମାଟି, ପାଣି, ପବନରେ କିଛି ତୃଟି ରହିଗଲା ଯେ ପିଲାଏ ଏଇ ଗାଁ, ନିଜ ବାପା-ମାଆ, ନିଜ ଭିଟାମାଟିକୁ ଏତେ ସହଜରେ ଭୁଲିଗଲେ? ସ୍କୁଲ ଠାରୁ ଘର ଫେରିବା ରାସ୍ତାରେ ଆମ୍ବ ତୋଟାଟିଏ ପଡେ। ବହୁତ ବଡ଼ ଆମ୍ବତୋଟାଟି, ବାଆଁ ପାଖରେ ଥିବା ମୁଣ୍ଡିଆ (ଛୋଟ ପାହାଡ) ପର୍ଯ୍ୟନ୍ତ ଲାଗିଛି। ଆଜିବି ମନେ ଅଛି, କିଛି ବର୍ଷ ପୂର୍ବରୁ ଏ ମୁଣ୍ଡିଆଟି ବର୍ଷ ସାରା ସବୁଜିମାରେ ଭରି ରହୁଥିଲା। ଅନେକ ଗୁଡିଏ ବଡ଼ ବଡ଼ କରଞ୍ଜ, ଜାମୁ, ଆମ୍ବ ଗଛ ଆଉ କେତେ ଜାତି ଜଙ୍ଗଲୀ ଗୁଳ୍ମ-ଲତାରେ ଭରିରହି ଅତି ସୁନ୍ଦର ଦିଶୁଥିଲା। ହେଲେ ଆଜି ତାହା ହତଶୀରି, ଟାଙ୍ଗରା ଓ ଶୁଷ୍କ ହୋଇ, ହଡା ବଳଦ ପରି ତାର ଅସ୍ଥି କଙ୍କାଳସାର କଙ୍କରିତ ପିଠି ଦେଖେଇ ପଡିରହିଛି। ନାଲି ଗୋଡି ପଥର ମିଶା ଏଇ ମୁଣ୍ଡିଆଟି ତାର ସବୁଜ ଚାଦର ହଜେଇ ଆଜି ରୁକ୍ଷ, ମୁମୁର୍ଷୁ ମୁହଁକୁ ଦେଖେଇ ପଡିରହିଛି। ଅନେକ ଜାଗାରୁ ଲୋକେ ମାଟି, ପଥର ଆଦି ଖୋଳି ନେଇ ଖାଲ-ଖମା ବି କରି ସାରିଲେଣି।

ସତରେ ଆମେ ମଣିଷ କେତେ ନିର୍ଦ୍ଦୟ! ଯେଉଁ ପ୍ରକୃତି ମା' ଆମକୁ ଜୀବନ ଦେବା ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କରି ଦେଇଛି, ଆମେ ତାର ବଦାନ୍ୟତାକୁ କେବେ ସମ୍ମାନ ଦେଇନୁ। ବରଂ ନିର୍ଦ୍ଦୟ ଭାବରେ ତାର ପ୍ରାଣ ଲୁଟି ନେବାକୁ କେବେ କୁଣ୍ଠା ପ୍ରକାଶ କରୁନୁ। ପ୍ରକୃତି ଠାରୁ ସବୁ କିଛି ଛଡାଇ ନେବାକୁ ଆମେ କେତେ ବ୍ୟଗ୍ର, ସତେ ଯେପରି ପ୍ରକୃତି ଏତେ ସମ୍ପତ୍ତି ତା ନିଜ ପାଇଁ ସାଇତି ରଖିଛି! ଆମେ କେମିତି ଭୁଲି ଯାଉଛୁ- ପ୍ରକୃତି ଯାହାବି ରଖିଛି ସବୁ କିଛି ଆମରି ପାଇଁ ସାଇତି ରଖିଛି। ତାର ପ୍ରତିଟି ବୁନ୍ଦା ପାଣି ସମଗ୍ର ଜୀବ ଜଗତର ତୃଷା ମେଣ୍ଟେଇବା ପାଇଁ, ପ୍ରତିଟି ଗଛର ପ୍ରତିଟି ପତ୍ର ସମଗ୍ର ଜୀବ ଜଗତର ପ୍ରାଣବାୟୁକୁ ଅଙ୍ଗାରକାମ୍ଳରୁ ଅକ୍ସିଜେନରେ ବଦଳେଇବା ପାଇଁ ରଖିଛି।

ଆମେ ପ୍ରକୃତିକୁ ଧ୍ୱଂସକରି ପରୋକ୍ଷ ଭାବରେ ଆମ ଜୀବ ଜଗତକୁ ବିନାଶର ଖାଇ ଭିତରକୁ ଧକା ଦେଉନୁ ତ? ପରେଶବାବୁଙ୍କର ଆଖି ଛଳଛଳ ହୋଇ ଆସୁଥିଲା। ସେ କ୍ଳାନ୍ତ ହୋଇ ସାଇକେଲରୁ ଓହ୍ଲେଇ ପଡି ବସି ଗଲେ ଗୋଟାଏ ଗଛ ମୂଳରେ।

ସଂଧ୍ୟା ପୂର୍ବର ସୂର୍ଯ୍ୟର କଅଁଳିଆ ନାଲି କିରଣ ବିଛାଡି ପଡିଥିଲା ଚାରି ଦିଗରେ। ସୁଲୁ ସୁଲୁ ଥଣ୍ଡା ପବନରେ ତାଙ୍କର ଅଧା ଧଳା, ଅଧା କଳା ବାଳ ସବୁ ଫୁରୁ ଫୁରୁ ଉଡୁଥାଏ, ସତେ ଅବା ପ୍ରକୃତି ମା' ବଡ଼ ଶରଧାରେ ତାଙ୍କ ମୁଣ୍ଡକୁ ସାଉଁଳି ଦେଉଛି।

ଆଜି ମଣିଷ, ମଣିଷ ଭିତରେ ଦେବତ୍ୱ ଖୋଜୁଛି; କିନ୍ତୁ ନିଜ ଭିତରର ମଣିଷଟିକୁ ତ ମାରି ସାରିଛି। ମଲା ମଣିଷ ଭିତରେ ଦେବତ୍ୱ ଆସିବ କେଉଁଠୁ? ସମସ୍ତେ କେବଳ ନିଜ କଥା ହିଁ ଭାବୁଛନ୍ତି। ନିଜେ ବଞ୍ଚିବା ବଢିବା ପାଇଁ ସଂଘର୍ଷ କରୁଛନ୍ତି, ଅନ୍ୟ କଥା ଭାବିବାକୁ ସମୟ କାଇଁ! ମଣିଷ କେତେ ଆତ୍ମକୈନ୍ଦ୍ରୀକ ହୋଇ ଯାଇଛି ସତେ! ମଣିଷ ଭୁଲି ଯାଉଛି ତାର ଏ ଜୀବନ, ତା ପାଇଁ ଏକ କରଜ। ତାର ପ୍ରତିଟି ଦିନ, ପ୍ରତିଟି ନିଶ୍ୱାସ ତା ପାଇଁ ଗୋଟିଏ ଗୋଟିଏ କରଜ। ଜୀବନଟା ତ ମାଗଣାରେ ମିଳିନି। ମା-ବାପା ତାକୁ ଶରୀର, ଏଇ ଜୀବନ ଦେଇଦେଲେ। ଏଇଟା କଣ ସନ୍ତାନ ପାଇଁ କେବଳ ସେମାନଙ୍କର ଦାନ ଥିଲା? ଜନ୍ମରୁ ବଡ଼ ହେବା ପର୍ଯ୍ୟନ୍ତ ଖାଇବାକୁ, ପିଇବାକୁ ଦେଇ, ପାଠ ପଢାଇ ମଣିଷ କଲେ- ସେଇଟା କଣ ସେମାନଙ୍କର ଦାନ ଥିଲା ନା ସେମାନେ ସନ୍ତାନକୁ ତାଙ୍କର ପୁରୁଣା କରଜ ଶୁଝୁଥିଲେ?

ମଣିଷ କାହିଁକି ଭାବି ପାରେନା ସେଇଟା ମାଆ-ବାପାଙ୍କ ଠାରୁ ନିଆ ଯାଇଥିବା ଏକ କରଜ ବୋଲି, ଯାହା ସନ୍ତାନମାନଙ୍କୁ ସୁଧ ମୂଳ ସହିତ ମା-ବାପାଙ୍କୁ ଫେରାଇ ଦେବାକୁ ଚେଷ୍ଟା କରିବା ଉଚିତ୍! ହଁ, ଯେ ପର୍ଯ୍ୟନ୍ତ କରଜ ପଇଠ ପାଇଁ ନୋଟିସ ନ ଆସିଛି, ସେ ପର୍ଯ୍ୟନ୍ତ କରଜଟା କରଜ ପରି ଲାଗେନା। ହେଲେ, ନା ବାପା-ମା, ନା ପ୍ରକୃତି ଦେଉଥିବା ଏଇ କରଜକୁ କରଜ ପରି ଭାବନ୍ତି, ନା କେବେ କରଜ ପଇଠ କରିବା ପାଇଁ ତାଗିଦା ନୋଟିସ ପଠାନ୍ତି? କିନ୍ତୁ ଋଣଗ୍ରହୀତାମାନେ କିପରି ବଡ଼ ନିର୍ଲଜ ଭାବରେ ନିଜ ଉପରେ ଥିବା କରଜକୁ ଏମିତି ଭୁଲି ଯାଆନ୍ତି? କେହି କେବେ ହିସାବ କରିଛି? ଆମେ ଆମର ପ୍ରତିଟି ନିଶ୍ୱାସରେ ନେଉଥିବା ପବନର ମୂଲ୍ୟ କେତେ? ନିଶ୍ୱାସର ଏଇ ଦୁର୍ମୂଲ୍ୟ ପବନ ଟିକକ କଣ ମାଗଣା? ଦାନ ନା' କରଜ? ଯେଉଁ ପାଣି ଟୋପାକ ଆମେ ପିଉଛେ, ତାର ମୂଲ୍ୟ କେତେ? କ'ଣ, ମ୍ୟୁନିସପାଲିଟିର ଯେଉଁ ପାଣି ବିଲ ଆସେ କେବଳ ସେତିକି? ଆରେ, ସେଇଟା ତ ପାଣି ସଂଗ୍ରହ କରି ଘରେ ପହଞ୍ଚାଇବାର ଖର୍ଚ୍ଚ, କିନ୍ତୁ ଧରିତ୍ରୀ ମାର ଏଇ ସମ୍ପଦର ମୂଲ୍ୟ କିଏ କେମିତି ପୈଠ କରିବ? କେବେ କେହି ଭାବିଛି? ମଣିଷ ଯେଉଁ ଭାତ ମୁଠାକ କି ରୁଟି ପଟକ ଖାଏ, ତାର ମୂଲ୍ୟ କେତେ? ଯେତିକି ଚାଷୀ, ବେପାରୀ, ଦୋକାନୀ ଖର୍ଚ୍ଚ କରେ, ଅଥବା କେବଳ ଆମର କିଣା ମୂଲ୍ୟ? କିନ୍ତୁ ଗୋଟିଏ ଧାନ କି ଗହମ କିମ୍ବା ଗୋଟିଏ କଖାରୁ ମଞ୍ଜିରୁ ଆଠ-ଦଶଟା କଖାରୁ ଫଳେଇବାକୁ ଅବା ମୁଠାଏ ଧାନ ଗହମରୁ ବସ୍ତାଏ ଧାନ ଫଳେଇବା ପାଇଁ ଧରିତ୍ରୀ ମାଆର ଯେଉଁ ଶ୍ରମ, ତାର ମୂଲ୍ୟ କିଏ ଦେବ? ତାର ମୂଲ୍ୟ କେତେ? ବିନା ମାଟିରେ କ'ଣ ଚାଷ କରିହୁଏ?

ମଣିଷ ଜନ୍ମର ପ୍ରଥମ ମୁହୂର୍ତ୍ତରୁ କେତେ ଯେ କରଜର ବୋଝ ତଳେ ଦବିଯାଏ, କେହି କେବେ ଭାବିଛି ସେକଥା? ମାଆର ଅମୃତ ତୁଲ୍ୟ ଦୁଧ ଟୋପାକ, ବାପାର ଶ୍ରମ, ପ୍ରକୃତି-ପଞ୍ଚଭୂତର ଅବଦାନ, ଟୋପାଏ ପାଣି, ପ୍ରତିଟି ନିଶ୍ୱାସର ପବନ- ଏ ସବୁର କରଜ କଥା କେହି କେବେ ଭାବେ? ନା' ଆମେ କେବେବି ଭାବୁନା। କିନ୍ତୁ ନିର୍ଲଜ ପରି ଟିକିଏ ହସି ଦେଇ ଆମର କରଜ ଦାତାଙ୍କୁ ମହାନ ଦାନୀ ଆସନରେ ବସାଇ ଆମେ ଭୁଲିଯାଉ ସେମାନଙ୍କର ମହାନତା। ମା-ବାପାଙ୍କୁ ହତାଦର କରି ତିଳ ତିଳ ଜଳି ମରିଯିବାକୁ ଛାଡି ଦେଉ। ଆମକୁ ଆମ ନିଶ୍ୱାସର ପବନ, ଆମର ଖାଦ୍ୟ, ଆମର ବାସଗୃହ ଦେଉଥିବା ବୃକ୍ଷ କାଟି ପକାଉ। କାରଣ ମା, ବାପା, ପ୍ରକୃତି କେବେ କରଜ ଶୁଝିବାକୁ ତାଗିଦା କରି ନୋଟିସ ପଠାନ୍ତି ନାହିଁ। ପ୍ରକୃତି ଓ ପଞ୍ଚଭୂତ ନିରବରେ ସବୁ କିଛି ସହିଯାଏ, କେବେ କିଛି କହେନି। ତେଣୁ ସେମାନଙ୍କର କରଜ କଥା ଆମେ ଭୂଲିଯାଉ। ସତରେ କେତେ ମହାନ ଆମର ଏଇ କରଜଦାତା ମାନେ! ଆମର ଏତେ ଅତ୍ୟାଚାର ପରେ ବି ସେମାନେ ସେମାନଙ୍କର ସେବା ଦେବା ବନ୍ଦ କରି ନାହାନ୍ତି। ମା-ବାପା ଜୀବନର ଶେଷ ନିଶ୍ୱାସ ଛାଡିବା ପର୍ଯ୍ୟନ୍ତ ପିଲାମାନଙ୍କର ମଙ୍ଗଳ କାମନା କରୁ ଥାଆନ୍ତି। ପ୍ରକୃତି ପାଣି, ପବନ, ଖରା, ବର୍ଷା ଆଦି ତାର ସବୁ କିଛି ଦାନ କରିବା ନିରବଚ୍ଛିନ୍ନ ଭାବେ ଜାରି ରଖିଥାଏ। କିନ୍ତୁ କେତେ ଦିନ ପର୍ଯ୍ୟନ୍ତ ଏ ସପ୍ଲାଇ ଏମିତି ନିଧଡକ ଚାଲି ପାରିବ? ଆଜି ନହେଲେ କାଲି, ଏବେ ନହେଲେ ଶହେ କି ହଜାର ବର୍ଷ ପରେ ସବୁ କିଛି ଆପେ ଆପେ ବନ୍ଦ ହୋଇଯିବ। ବ୍ରହ୍ମାଣ୍ଡରେ କିଛିବି ତ ଅସୀମିତ ନୁହେଁ। କୋଇଲା, ପେଟ୍ରୋଲ ପରି ପାଣି, ପବନର ଅକ୍ସିଜେନ ସବୁ କିଛି ସମାପ୍ତ ହୋଇଯିବ। ଯଦି ଆମେ ସେମାନଙ୍କର ଯତ୍ନ ନନେଉ, ପ୍ରକୃତିର ସନ୍ତୁଳନ ବିଗିଡି ଯିବ। ରିସାଇକ୍ଲିଙ୍ଗ ବାଧାପ୍ରାପ୍ତ ହେବ ଏବଂ ତା ସହିତ ଏ ସମସ୍ତ ଜୀବଜଗତ ବିନାଶ ହୋଇଯିବ।

'ଆଜି' ସରିଗଲା ପରେ 'କାଲି' ତ ନିଶ୍ଚୟ ଆସିବ। ଆଜିର ଦିନଟି କାଲି ହେବା ଆଗରୁ, ପରେଶ ବାବୁ ତାଙ୍କର ବହି-ଖାତା ମେଲେଇ ବସିଗଲେ ହିସାବ ଯୋଡିବା ପାଇଁ। ଆଜିର ଲାଭ-କ୍ଷତିର ତର୍ଜମା ପାଇଁ। କେତେ କଣ ପାଇଲେ, ଆଉ କେତେ ପାଇବାର ଆଶା; ହେଲେ ତାଙ୍କ ହିସାବ ଖାତାରେ, ଦେବାର ଘର ଗୁଡିକ ଏମିତି ଖାଲି ଖାଲି କାହିଁକି ଦିଶୁଛି?

ମୁଣ୍ଡ ବାଳରେ ଆଙ୍ଗୁଠି ବୁଲଉ ବୁଲଉ ଭାବିବାକୁ ଲାଗିଲେ- ଜୀବନରେ ତାଙ୍କୁ ଯାହାବି ମିଳିଛି ସେସବୁ ତାଙ୍କୁ କେହିନା କେହି ତ ଦେଇଛି, ହେଲେ ପ୍ରତି ବଦଳରେ ସେ ସେମାନଙ୍କୁ କଣ ଦେଇଛନ୍ତି? ପ୍ରତି ନିଶ୍ୱାସରେ ନେଉଥିବା ବାୟୁ, ସୂର୍ଯ୍ୟର ଆଲୋକ, ଝରଣାର ଜଳ, କୋଇଲିର ମଧୁର ସଙ୍ଗୀତ, ଫୁଲର ସୌନ୍ଦର୍ଯ୍ୟ ଆଉ ସେମାନଙ୍କର ମହ ମହ ବାସ୍ନା, ମାତା-ପିତାଙ୍କର ଅବଦାନ, ସ୍ନେହ-ଆଶ୍ୱାସନା, ବାତ୍ସଲ୍ୟ, ପତ୍ନୀର ଅନାବିଳ ପ୍ରେମ, ସନ୍ତାନର ସେ ହସର ଆନନ୍ଦ... ପ୍ରତିବଦଳରେ କଣ ଦେଇ ପାରିଛନ୍ତି ସେମାନଙ୍କୁ? ସେମାନଙ୍କର ଦାନ ତୁଳନାରେ କିଛି ବି ତ ଦେଇ ପାରି ନାହାନ୍ତି! ସେମାନଙ୍କ ପ୍ରତି ନିଜର କିଛି କର୍ତ୍ତବ୍ୟ ବି ଠିକ୍ ଭାବେ ପୁରା କରିପାରି ନାହାନ୍ତି। ସେମାନଙ୍କୁ ଧନ୍ୟବାଦ କେବେ ବି କହି ନାହାନ୍ତି। କେଉଁ ବିଶାଦିତ ମୁଖରେ ଟିକିଏ ହସ, କେଉଁ ହତାଶ ମନରେ ଟିକିଏ ଆଶା, କେଉଁ ଦୁଃଖି ଜୀବନରେ କାଣିଚାଏ ସୁଖ ସେ କଣ କେବେ ଦେଇ ପାରିଛନ୍ତି? ନିଜକୁ ନିଜେ ପ୍ରଶ୍ନ କଲେ ପରେଶବାବୁ।

*ଓଡ଼ଗାଁ, ନୟାଗଡ଼*

ଜାତୀୟ ଚେତନା
JATIYA CHETANA



# ରାଜ୍ୟଗୋଷ୍ଠୀ କ୍ରୀଡ଼ା: ୧୩ ସ୍ୱର୍ଣ୍ଣ ସମେତ ୩୯ ପଦକ ଜିତି ଚତୁର୍ଥରେ ଭାରତ




ଗ୍ଲାସ୍‌ଗୋ,(ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ଅନ୍ତିମ ଦିନରେ ଭାରତ ନିରାଶ ହୋଇଛି। ଶେଷ ଆଶା ଥିବା ପାରା ସାଇକ୍ଲିଷ୍ଟ ଲିଶା ଦାସ ପଦକ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଲିଶା ମହିଳା ସି୪-ସି୫ ୧୦୦୦ ମିଟର ଟାଇମ୍ ଟ୍ରାଏଲ୍ ଫାଇନାଲ୍‌ରେ ୧:୩୪.୪୧୦ ମିନିଟ୍ ସମୟ ହାସଲ କରିଥିଲେ ମଧ୍ୟ ଏହାର ପୋଡିୟମ୍‌ରେ ସ୍ଥାନ ହାସଲ ପାଇଁ ଯଥେଷ୍ଟ ନଥିଲା। ଏହା ସହିତ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଅଭିଯାନ ଶେଷ ହୋଇଛି।

ଏହା ପୂର୍ବରୁ ଭାରତୀୟ ଜୁଡୋକା ଈଶରୂପ ନାରଙ୍ଗ ବ୍ରୋଞ୍ଜ୍ ପଦକ ଜିତିବାରେ ବିଫଳ ହୋଇଛନ୍ତି। ମହିଳା ୭୮ କେଜି ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ରେ ଈଶରୂପ କାନାଡାର କୋରୋଲି ଗଡ୍‌ବାଉଟ୍‌ଙ୍କ ଠାରୁ ପରାଜିତ ହୋଇଛନ୍ତି। କ୍ୱାର୍ଟର୍ ଫାଇନାଲ୍‌ରେ ଇଂଲଣ୍ଡର ଏମା ରିଡ୍‌ଙ୍କ ଠାରୁ ଇପ୍ପୋନ୍‌ରେ ପରାଜିତ ହବା ପରେ ଈଶରୂପଙ୍କୁ ରେପେଚେଜ୍ ଜରିଆରେ ପଦକ ଜିତିବା ଦ୍ୱିତୀୟ ସୁଯୋଗ ମିଳିଥିଲା। ଭାରତୀୟ ଖେଳାଳି ଏହି ସୁଯୋଗର ପୂରା ଲାଭ ଉଠାଇ କାମେରୁନ୍‌ର ଜର୍ଜିକେ ୱେସ୍‌ଲି ଜେଙ୍ଗୁଏ ମୁନେଙ୍କୁ ହରାଇ ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ର ଟିକେଟ୍ ହାସଲ କରିଥିଲେ। ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଜୁଡୋ ଇଭେଣ୍ଟରେ ଭାରତ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ସହ ୪ ପଦକ ଜିତିଛି।

ଏହା ପୂର୍ବରୁ ଶନିବାର କ୍ରୀଡ଼ାର ଦଶମ ଦିନରେ ଭାରତୀୟ ଆଥ୍‌ଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଏହା ମଧ୍ୟରୁ ୭ଟି ସ୍ୱର୍ଣ୍ଣ ପଦକ ବକ୍ସିଂ ଏବଂ ଗୋଟିଏ ସ୍ୱର୍ଣ୍ଣ ପଦକ ପାରା ଶଟ୍‌ପୁଟ୍‌ରୁ ଆସିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଗୋଟିଏ ସଂସ୍କରଣରେ ଭାରତ ବକ୍ସିଂରେ ୭ ସ୍ୱର୍ଣ୍ଣ ପଦକ ଜିତିବା ଏହା ପ୍ରଥମ।

ମହିଳା ବକ୍ସିଂରେ ପ୍ରୀତି ପୱାର୍, ଜାସ୍ମିନ୍ ଲାମ୍ବୋରିଆ, ସାକ୍ଷୀ ଚୌଧୁରୀ, ପ୍ରିୟା ଘଙ୍ଘାସ୍ ଏବଂ ଅରୁନ୍ଧତି ଚୌଧୁରୀ ନିଜ ନିଜର ଫାଇନାଲ୍ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷରେ ସଚିନ୍ ସିୱାଚ୍ ଏବଂ ଅଙ୍କୁଶ ପଙ୍ଘାଲ୍ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଲଭଲିନା ବୋରଗୋହେନ୍, ଯଦୁମଣି ସିଂହ ଏବଂ ନରେନ୍ଦ୍ର ବରୱାଲ୍‌ଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

ପାରା ଆଥ୍‌ଲେଟିକ୍ସରେ ସୋମନ ରାଣା ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୁରୁଷ ୫୦୦୦ ମିଟର ଦୌଡ଼ରେ ଗୁଲବୀର ସିଂହ ବ୍ରୋଞ୍ଜ୍ ପଦକ ନିଜ ନାମରେ କରିଥିଲେ। ଏହା ସହିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୫୦୦୦ ଏବଂ ୧୦୦୦୦ ମିଟର ଉଭୟ ଇଭେଣ୍ଟରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ଆଥ୍‌ଲେଟ୍ ହୋଇଛନ୍ତି। ଭାରତ ଟ୍ରିପଲ୍ ଜମ୍ପରେ ମଧ୍ୟ ଆଉ ଦୁଇଟି ପଦକ ଜିତିଥିଲା। ଏହା ସହିତ ଭାରତ ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଏବଂ ୯ ବ୍ରୋଞ୍ଜ୍ ସମେତ ୩୯ ପଦକ ଜିତି ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ଅଷ୍ଟ୍ରେଲିଆ ମୋଟ ୧୬୩ (୬୮ ସ୍ୱର୍ଣ୍ଣ, ୪୧ ରୌପ୍ୟ, ୫୪ ବ୍ରୋଞ୍ଜ୍) ପଦକ ସହିତ ପ୍ରଥମ ସ୍ଥାନରେ ରହିଛି। ସେହିପରି ଇଂଲଣ୍ଡ ୧୦୬ ଏବଂ କାନାଡା ୫୯ ପଦକ ସହ ଯଥାକ୍ରମେ ୩ୟ ଓ ୩ୟ ସ୍ଥାନରେ ରହିଛନ୍ତି।

# ଇତିହାସ ରଚିଲେ ତନ୍‌ଭୀ ଶର୍ମା

ତାଇପେଇ,(ଏଜେନ୍ସି): ଭାରତୀୟ ଯୁବ ଶଟ୍‌ଲର୍ ତନ୍‌ଭୀ ଶର୍ମା ରବିବାର ଇତିହାସ ରଚିଛନ୍ତି। ୧୭ ବର୍ଷ ୨୨୨ ଦିନ ବୟସରେ ତନ୍‌ଭୀ ତାଇପେଇ ଓପନ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଟାଇଟଲ୍ ନିଜ ନାମରେ କରିଛନ୍ତି। ଏହା ସହିତ ସେ ଏହି ଟୁର୍ଣ୍ଣାମେଣ୍ଟର ଟାଇଟଲ୍ ଜିତିବାରେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ତାଇୱାନ୍‌ର ମହାନ୍ ଖେଳାଳି ସାଇ ଜୁ-ୟିଙ୍ଗ୍‌ଙ୍କ ନାମରେ ଥିଲା। ସେ ୧୮ ବର୍ଷ ୮୫ ଦିନ ବୟସରେ ଏହି ଉପଲବ୍ଧି ହାସଲ କରିଥିଲେ। ଏହା ପୂର୍ବରୁ ଶନିବାର ୧୭ ବର୍ଷ ୨୨୨ ଦିନ ବୟସରେ ତନ୍‌ଭୀ ତାଇପେଇ ଓପନ୍ ଇତିହାସର ସର୍ବକନିଷ୍ଠ ଫାଇନାଲିଷ୍ଟ ହୋଇଥିଲେ। ସେ କୋରିଆର କେ ଲି ୟୋଙ୍ଗ୍‌ଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ୟୋଙ୍ଗ୍ ୨୦୦୬ରେ ୧୭ ବର୍ଷ ୨୮୭ ଦିନ ବୟସରେ ପୁରୁଷ ଡବଲ୍ସ ଫାଇନାଲ୍ ଖେଳିଥିଲେ।

ଫାଇନାଲ୍‌ରେ ତନ୍‌ଭୀ ଷଷ୍ଠ ସିଡ୍ ଭିଏତ୍‌ନାମ୍‌ର ଖେଳାଳି ଥୁୟ ଲିହ୍ନ ଗୁଏନ୍‌ଙ୍କୁ ୨୧-୧୬, ୨୧-୧୬ ସିଧା ଗେମ୍‌ରେ ମାତ୍ ଦେଇଛନ୍ତି। ଏହା ତନ୍‌ଭୀଙ୍କ ପ୍ରଥମ ବିଡବ୍ଲ୍ୟୁଏଲଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍। ପଞ୍ଜାବ ନିବାସୀ ତନ୍‌ଭୀ ମାତ୍ର ୩୬ ମିନିଟ୍ ମଧ୍ୟରେ ଏହି ମ୍ୟାଚ୍ ନିଜ ନାମରେ କରିଛନ୍ତି। ଗତବର୍ଷ ୟୁଏସ୍ ଓପନ୍ ସୁପର୍ ୩୦୦ ଉପବିଜେତା ତନ୍‌ଭୀ ଏହି ବିଜୟ ସହିତ ଇତିହାସ ରଚିଛନନ୍ତି। ୨୦୦୮ରେ ସାଇନା ନେହ୍ୱାଲ୍‌ଙ୍କ ପରେ ତାଇପେଇ ଓପନ୍‌ରେ ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତିବାରେ ସେ ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି। ତନ୍‌ଭୀ ପ୍ରଥମ ଗେମ୍ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରି ୧୦-୨ରେ ଆଗୁଆ ହୋଇଥିଲେ। ମଝିରେ ତେବେ କେତେକ ତ୍ରୁଟି କରିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ ସହ ଗେମ୍ ୨୧-୧୬ରେ ଜିତି ନେଇଥିଲେ। ଦ୍ୱିତୀୟ ଗେମ୍‌ରେ ଥୁୟ ଲିହ୍ନ ୩-୦ର ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲେ। କିନ୍ତୁ ତନ୍‌ଭୀ ଲଗାତାର ପଏଣ୍ଟ ସଂଗ୍ରହ କରି ସ୍କୋର୍ ୩-୩ କରିବା ପରେ ମ୍ୟାଚ୍ ଉପରେ ପୂରା ନିୟନ୍ତ୍ରଣ ହାସଲ ସହ ୨୧-୧୬ରେ ଗେମ୍ ଜିତି ଟାଇଟଲ୍ ନିଜ ନାମରେ କରିଛନ୍ତି। ତନ୍‌ଭୀଙ୍କୁ ପିଭି ସିନ୍ଧୁଙ୍କ ପୂର୍ବତନ ମେଣ୍ଟର ପାର୍କ ତେ-ସାଙ୍ଗ୍ କୋଚିଂ ଦେଉଛନ୍ତି। ଟାଇଟଲ୍ ବିଜୟ ପରେ ତନ୍‌ଭୀ ନିଜ ସ୍ୱର୍ଣ୍ଣ ପଦକ ଓହ୍ଲାଇ କୋଚ୍ ପାର୍କ ତେ-ସାଙ୍ଗ୍‌ଙ୍କ ବେକରେ ପିନ୍ଧାଇ ଦେବା ସହିତ ଦୁହେଁ ସାଥୀହୋଇ ଫଟୋ ଉଠାଇଥିଲେ।

# ଭାରତୀୟ ବକ୍ସିଂର ନୂଆ ଉଦାହରଣ ସାଜିଲେ ଲଭ୍‌ଲିନା

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ଷ୍ଟାର୍ ବକ୍ସର୍ ଏବଂ ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା ଲଭ୍‌ଲିନା ବୋରଗୋହେନ୍ ଗ୍ଲାସ୍‌ଗୋରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଇତିହାସ ରଚିଛନ୍ତି। ମହିଳା ୭୫ କେଜି ବର୍ଗରେ ରୌପ୍ୟ ପଦକ ଜିତିବା ସହିତ ସେ ମେରୀ କମ୍ ଓ ବିଜେନ୍ଦର ସିଂହଙ୍କ ପରେ ପ୍ରତ୍ୟେକ ବଡ଼ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ ଭାରତର ତୃତୀୟ ବକ୍ସର୍ ହୋଇଛନ୍ତି। ଏହା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଲଭ୍‌ଲିନାଙ୍କ ପ୍ରଥମ ପଦକ। ଏହା ପୂର୍ବରୁ ସେ ଦୁଇଥର ଏହି କ୍ରୀଡ଼ାରେ ଭାଗ ନେଇଥିଲେ ମଧ୍ୟ ପୋଡିୟମ୍‌ରେ ପହଞ୍ଚିପାରି ନଥିଲେ। ଗ୍ଲାସ୍‌ଗୋରେ ସେ ଏହି ପ୍ରତୀକ୍ଷାର ସମାପ୍ତି ଘଟାଇ ନିଜ କ୍ୟାରିୟର୍‌ରେ ଆଉ ଏକ ବଡ଼ ଉପଲବ୍ଧି ଯୋଡ଼ିଛନ୍ତି।

ଫାଇନାଲ୍ ମୁକାବିଲାରେ ଲଭ୍‌ଲିନାଙ୍କ ସାମ୍ନା ଅଷ୍ଟ୍ରେଲିଆର ଏମ୍ମା-ସୁ ଗ୍ରୀନଟ୍ରିଙ୍କ ସହ ହୋଇଥିଲା। ଦୁଇ ଖେଳାଳିଙ୍କ ମଧ୍ୟ କଡ଼ା ଟକ୍କର୍ ଦେଖିବାକୁ ମିଳିଥିଲା, କିନ୍ତୁ ଜଜ୍‌ମାନେ ୪-୧ ବିଭାଜିତ ନିଷ୍ପତ୍ତିରେ ଅଷ୍ଟ୍ରେଲିଆ ବକ୍ସର୍ ପକ୍ଷରେ ନିର୍ଣ୍ଣୟ ଦେଇଥିଲେ। ମୁକାବିଲା ଅବସରରେ ଲଭ୍‌ଲିନା କେତେକ ସଠିକ୍ ପଞ୍ଚ୍ ମାରିଥିଲେ ଏବଂ ଅନ୍ତ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ। ମାତ୍ର ଗ୍ରୀନଟ୍ରିଙ୍କ ଆକ୍ରମଣାତ୍ମକ ରଣନୀତି ଏବଂ ଉନ୍ନତ ରିଙ୍ଗ୍ କଣ୍ଟ୍ରୋଲ୍‌କୁ ନିର୍ଣ୍ଣାୟକ ଅଧିକ ପଏଣ୍ଟ ଦେଇଥିଲେ।

ଏହି ରୌପ୍ୟ ପଦକ ସହିତ ଲଭଲିନାଙ୍କ ନାମ ଭାରତୀୟ ବକ୍ସିଂର ମହାନ୍ ସୂଚୀରେ ଆହୁରି ମଜଭୁତ ହୋଇଛି। ତାଙ୍କ ଖାତାରେ ଏ ପର୍ଯ୍ୟନ୍ତ ଅଲିମ୍ପିକ୍ ବ୍ରୋଞ୍ଜ୍, ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ବ୍ରୋଞ୍ଜ୍, ଏସିଆନ୍ ଗେମ୍ସର ରୌପ୍ୟ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ସାମିଲ ହୋଇଛି। ସେ ୬୯ କେଜି ଏବଂ ୭୫ କେଜି ଉଭୟ ଓଜନ ବର୍ଗରେ ଅନ୍ତର୍ଜାତରୀୟ ସ୍ତରରେ ଚମତ୍କାର ସଫଳତା ହାସଲ କରିଛନ୍ତି।

## ଏକ ନାଭିକେନ୍ଦ୍ର ମାତ୍ର !



ନବ ଯଉବନ ଘନଶ୍ୟାମ କାନ୍ତି
ଭୁଲି କି ହୁଅଇ ମନୁ
ତୋ ରୂପ ଦର୍ଶନେ ଲାଘବ ହୁଅଇ
ପବିତ୍ର ହୁଅଇ ତନୁ ॥୧॥
କାହିଁ ଗୋପାଙ୍ଗନା ତୋ ବେଣୁ ସ୍ୱନରେ
ଭୁଲିଥାନ୍ତି ଘରଦ୍ୱାର
ପତି ପୁତ୍ର ତେଜି ଲାଜ ଅପମାନ
ରାତି ଦିନ ଏକାକାର ॥୨॥
କାନ୍ଦେ ରାଧାରାଣୀ ଚୁଲିଧୂଆଁ ପାଖେ
ଗୋଡ଼େ କଣ୍ଟା ଫୁଟି ଜ୍ୱାଳା
ପାଣି ପାଇଁ ଯାଏ ଯମୁନା ଘାଟକୁ
(ସବୁ) ଅଟଇ ବାହାନା ପରା ॥ ୩ ॥
ପୁରୁଷ ପ୍ରକୃତି ଭୌତିକ ମିଳନ
ଅଟଇ ଯେ ଆକର୍ଷଣ
ଦଣ୍ଡ ଚୁମ୍ବକର ଉଭୟ ପାର୍ଶ୍ୱରେ
ଦୁଇ ମେରୁଟି ପ୍ରମାଣ ॥ ୪ ॥
ବାମଟି ଯେ ବାମା ଅଟଇ ପ୍ରକୃତି
ପୁରୁଷ ଅଟେ ଦକ୍ଷିଣ
ବାମପଟେ ଯେଣୁ ଶକ୍ତିଙ୍କର ସ୍ଥାନ
ଅର୍ଦ୍ଧ ନାରୀଶ୍ୱର ଜାଣ ॥ ୫ ॥
ଗୋଟିଏ ଶକ୍ତିର ଦୁଇ ବିଭାଜନ
ପରଂ ବ୍ରହ୍ମ ପରା ବ୍ରହ୍ମ
ଏ ସାରା ଜଗତ ଅଟଇ ଯୁଗ୍ମ
ଅଯୁଗ୍ମର ନାହିଁ ସ୍ଥାନ ॥ ୬ ॥
ପାରିବକି ତୁମେ ଅଲଗା ଦୁଇଟି
ଉତ୍ତର ଦକ୍ଷିଣ ମେରୁ
ଏକ ମେରୁ ଅବା ରହିଛି କେଉଁଠି
ଗୋଷ୍ଠୀ ଛଡ଼ା ଅନ୍ୟଠାରୁ ॥ ୭ ॥
ଆକର୍ଷଣ ଶକ୍ତି ବିକର୍ଷଣ ଶକ୍ତି
ରହିଛି ସାରା ବ୍ରହ୍ମାଣ୍ଡେ
କେନ୍ଦ୍ର ଅଭିସାରି କେନ୍ଦ୍ର ଅପସାରି
ରହିଅଛି ସବୁ ପିଣ୍ଡେ ॥ ୮ ॥
ଦୁଇ ବଳ ଯୋଗୁଁ ଘୂରଇ ଯେ ପିଣ୍ଡ
ଅନନ୍ତ କୋଟି ନକ୍ଷତ୍ର
ଯେଉଁ ସ୍ଥାନେ ରହି ଘୂରି ବୁଲିଥାନ୍ତି
ଏକ ନାଭି କେନ୍ଦ୍ର ମାତ୍ର ॥ ୯ ॥

**ଇଂ. ପ୍ରମୋଦ କୁମାର ନନ୍ଦ**
ବଡ଼ପାରି, ଖୋର୍ଦ୍ଧା
ମୋ: ୮୫୯୬୮୨୩୬୬୪

## ମରଣର ମହାଯଜ୍ଞ

ମରିବା ପାଇଁକି ମରଣର ଯଜ୍ଞ
କରୁଛି ମଶାଣି ପରେ
କିଏ ସେ ବୁଝିବ କାହିଁକି ବୁଝିବ
କେମିତି ମୋ ଦିନ ସରେ ॥
ପଥହୀନ ମୁଁ ପଥିକଟିଏ ଆଜି
ନାହିଁ ମୋର ପରିଚୟ
ଦୁନିଆ ଆଖିରେ ବଞ୍ଚିଛି ବୋଲି ମୁଁ
କରି ଚାଲେ ଅଭିନୟ
ନିଜ ଆଖି ଲୁହ ପିଇ ପିଇ ଆଜି
ବଳକା ଆୟୁଷ ସାରେ
ମରିବା ପାଇଁକି ମରଣର ଯଜ୍ଞ
କରୁଛି ମଶାଣି ପରେ ॥
ଅସରନ୍ତି ଆଶା ହଜାରେ ସପନ
ଯନ୍ତ୍ରଣା ଜୁଇରେ ଜଳେ
ଛାତି ତଳ ଦୁଃଖ ଛାତିରେ ଚାପିକି
ଓଠେ ଟିକେ ହସ ତାଳେ
ସ୍ୱପ୍ନ ନୀଡ଼ ଭାଙ୍ଗି ନିଇତି ଗାଧୋଏ
ରକତ ନଦୀର ତୀରେ
ମରିବା ପାଇଁକି ମରଣର ଯଜ୍ଞ
କରୁଛି ମଶାଣି ପରେ ॥

**ପ୍ରକାଶ କୁମାର ଚାନ୍ଦ**
ଜୟପୁର ଶାସନ, ପିପିଲି ପୁରୀ
ମୋ:୯୮୫୩୩୫୪୯୩୮

## ସେଦିନ ବୁଝିବ

ଏଇ ଜୀବନକୁ ଜାଳିଦେଇଗଲ
ଲଗାଇ ମୋ ମନେ ନିଆଁ
ଲୁହ ଦେଇ ତୁମେ ହସର ସଉଦା
କେମିତି କରିବ ପ୍ରିୟା।
ବିଶ୍ୱାସରେ ଦିନେ ଦେଲି ମୁଁ ତୁମକୁ
ମୋ ମନର ଉପହାର
ଫୁଲେଇ ଫୁଲରେ ସଜେଇବ କହି
ଭାଙ୍ଗିଲ ସପନ ମୋର।
ତୁମ ଜୀବନରେ ନିଶ୍ଚେ କୁହୁଳିବ
ବିରହ ବେଳାର ଧୂଆଁ
ଲୁହ ଦେଇ ତୁମେ ହସର ସଉଦା
କେମିତି କରିବ ପ୍ରିୟା।
ଭଲପାଇବାର ପ୍ରତିଶ୍ରୁତି ଦେଇ
ସହଜରେ ଭୁଲିଗଲ
ଅମୃତ କଣିକା ଭାବିନେଇଥିଲି
ମରୀଚିକା ପାଲଟିଲ।
ସାଥି ବିନା ଦିନ ହେଲେ ରଙ୍ଗହୀନ
ରାତି ଲାଗିବ ଅଛୁଆଁ
ଲୁହଦେଇ ତୁମେ ହସର ସଉଦା
କେମିତି କରିବ ପ୍ରିୟା।

**ସିଦ୍ଧେଶ୍ୱର ତ୍ରିପାଠୀ**
କବିର ଘର, କୁଣ୍ଡିଲୋ, କେରଙ୍ଗ,
ଖୋର୍ଦ୍ଧା, ମୋ:
୭୦୦୮୩୧୫୦୪୦

## ଗୋଟେ ଜୀବନ

ଭାରି ନିରୀହ ଲାଗେ
ହଳେ ଆଖି
ଚାହାଣି କୁହେ ଗୋଟେ
ଭୋକର ଗପ
ନିରୀହ ଜୀବନଟା
ଛୋଟିଆ ତା' ଦୁନିଆ
ମଥାକୁ ହାତ ପାଉନଥିବା ହାତରେ
ପେଟ ପୋଷିବାର ଗୋଟେ ନିଶା
ତା' ଭାଗ୍ୟ ବୋଧହୁଏ ସେ ନିଜେ
ତା' ଭଗବାନଟା ବି
କ'ଣ ଆଉ ଭବିଷ୍ୟତ ତା'ର
ଛିଣ୍ଡା କପଡ଼ା ଖଣ୍ଡେ
ଲଙ୍ଗଳା ଆକାଶର ଛାତିରେ
ଜୀବନଟା ଜିଇବାର ଆଶା
ନିଜକୁ ଗଢ଼ି ତୋଳେ ନିଜ ପାଇଁ
ପଥର ପରି ନ ହେଲେ ବି
ଅନ୍ୟ ପେଟ ପାଇଁ ଭିଜିଯାଏ
ଆଖି ପତା ଯୋଡ଼େ

**କିରଣ ମନୀଷା ମହାନ୍ତି**
ରେଞ୍ଚ, ପୁରୀ-୬


ଜାତୀୟ ଚେତନା
JATIYA CHETANA



## କ୍ୟାରିୟରରେ ଟର୍ଣ୍ଣିଂ ପଏଣ୍ଟ

ତେଲୁଗୁ ଚଳଚ୍ଚିତ୍ର 'ଓଃ..! ସୁକୁମାରୀ'ର ସଫଳତା ପରେ ଜଣାଶୁଣା ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାଜେଶଙ୍କ କ୍ୟାରିଅରରେ ଏକ ନୂଆ ଟର୍ଣ୍ଣିଂ ପଏଣ୍ଟ ଆସିବାକୁ ଯାଉଛି। ଆଗକୁ ତାଙ୍କୁ ସାଉଥ୍ ସୁପରଷ୍ଟାର ନନ୍ଦମୁରୀ ବାଲକୃଷ୍ଣଙ୍କ ହାଇ-ଭୋଲ୍‌ଟେଜ୍ ଆକ୍ସନ୍ ଚଳଚ୍ଚିତ୍ରରେ ମୁଖ୍ୟ ଖଳନାୟିକା ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ସୂଚନା ଅନୁଯାୟୀ, ନିର୍ଦ୍ଦେଶକ କୋରଟାଲା ଶିବଙ୍କ ନିର୍ଦ୍ଦେଶନାରେ ଏବଂ ସୁଧାକର ଚେରୁକୁରୀ ଓ ସୁଧାକର ମିଶ୍ରିଲିନେନୀଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମରେ ଐଶ୍ୱର୍ଯ୍ୟାଙ୍କ ଚରିତ୍ରଟି ଖୁବ୍ ହଟକେ ହେବ। ନିଜର ଦମଦାର୍ ଅଭିନୟ ପାଇଁ ପରିଚିତ ଐଶ୍ୱର୍ଯ୍ୟା ଏବଂ ବାଲାୟାଙ୍କର ଆକ୍ସନକୁ ପରଦାରେ ଦେଖିବାକୁ ଫ୍ୟାନମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି। ଫିଲ୍ମଟି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି।





## ଆକ୍ସନପ୍ୟାକ ପାଇଁ ରେଡି

'ୟୋ' ଚଳଚ୍ଚିତ୍ର ପରେ ବଲିଉଡ୍ ନିର୍ଦ୍ଦେଶକ ଅନୁଭବ ସିହ୍ନା ନିଜର ପରବର୍ତ୍ତୀ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଯେଉଁଥିରେ ସିନେ ଜଗତର ଦୁଇ ବଡ଼ ଆକ୍ସନ୍ ଷ୍ଟାର୍ ଟାଇଗର ଶ୍ରଫ୍ ଏବଂ ବିଦ୍ୟୁତ୍ ଜାମୱାଲ୍ ଏକତ୍ର ନଜର ଆସିବେ। ଦୁଇ ପାୱାରପ୍ୟାକ୍ ବଡିବିଲ୍ଡର ପ୍ରଥମ ଥର ପାଇଁ ଏକାଠି ଅଭିନୟ କରିବାକୁ ଯାଉଥିବାରୁ ଫିଲ୍ମଟି ଆଡଭାନ୍ସ ଭରପୂର ହୋଇଥିବା ସିନେପ୍ରେମୀ ଆଶାପୋଷଣ କରିଛନ୍ତି। ସୂଚନା ଅନୁସାରେ ଚଳିତ ବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଚଳଚ୍ଚିତ୍ରଟି ବର୍ତ୍ତମାନ ପ୍ରି-ପ୍ରୋଡକ୍ସନ୍ ପର୍ଯ୍ୟାୟରେ ରହିଛି, ଯେଉଁଥିରେ ସ୍କ୍ରିନ୍‌ପ୍ଲେ ଏବଂ ଆକ୍ସନ୍ ଡିଜାଇନ୍ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେବେ ବର୍ତ୍ତମାନ କାହାଣୀ ସମ୍ପର୍କରେ ଜଣା ପଡ଼ିନାହିଁ। ହେଲେ ଉଭୟଙ୍କ ଆକ୍ସନ ଖୁବ୍ ଭଲ ହୋଇଥିବାରୁ ଫିଲ୍ମଟି ନିଶ୍ଚୟ ଧମାକାଦାର ହେବ ବୋଲି ଦର୍ଶକ ଆଶା ରଖିଛନ୍ତି।



## କର୍ତ୍ତବ୍ୟଥିଲା ସୁରକ୍ଷା ଦେବା

ରାଘବ ଜୁୟାଲଙ୍କ ଜନ୍ମଦିନ ପାର୍ଟିର ଏକ ଭିଡିଓ ଭାଇରାଲ ହେବା ପରେ ଅଭିନେତ୍ରୀ ଶେହନାଜ୍ ଗିଲ୍‌ଙ୍କ ସହ ତାଙ୍କର ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଯାହା ଉପରେ ଏବେ ଅଭିନେତା ରାଘବ ଜୁୟାଲ ନିଜର ପ୍ରତିକ୍ରିୟା ରଖି ସମସ୍ତ ଗୁଜବର ଅନ୍ତ ଘଟାଇଛନ୍ତି। ଏକ ସାକ୍ଷାତକାରରେ ରାଘବ କହିଛନ୍ତି ଯେ ତାଙ୍କ ପରିବାର ଓ ମା'-ବାପା ତାଙ୍କୁ ଜଣେ ପ୍ରକୃତ ପୁରୁଷ ଭାବେ ଗଢ଼ିତୋଳିଛନ୍ତି, ଯାହାଙ୍କର ନୈତିକ କର୍ତ୍ତବ୍ୟ ହେଉଛି ନିଜ ସହ ଥିବା ମହିଳା, ପରିବାର ଓ ବନ୍ଧୁମାନଙ୍କୁ ସୁରକ୍ଷା ଦେବା। ସେହି ଭିଡିଓ ବିଷୟରେ ସ୍ପଷ୍ଟୀକରଣ ଦେଇ ସେ କହିଛନ୍ତି ଯେ ସେହି ସ୍ଥାନରେ ଶେହନାଜ୍‌ଙ୍କ ସ୍ଥାନରେ ଅନ୍ୟ କୌଣସି ଝିଅ ଥିଲେ ମଧ୍ୟ ସେ ସମାନ ଆଚରଣ କରିଥାନ୍ତେ। ସୂଚନା ଅନୁସାରେ ରାଘବ, ଶ୍ରୀକାନ୍ତ ଓଡେଲାଙ୍କ ନିର୍ଦ୍ଦେଶିତ ଅଭିନେତା ନାନୀଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଦି ପାରାଡାଇଜ୍'ରେ ମୁଖ୍ୟ ଖଳନାୟକ ଭୂମିକାରେ ନଜର ଆସିବେ।



## ମୁକ୍ତିଲାଭର ୧୮ ଦିନ ପୂର୍ବରୁ ଆସିବ 'ଟକ୍ସିକ' ଟ୍ରେଲର୍

ନିର୍ମାତାମାନେ ଏକ ନୂଆ ପୋଷ୍ଟର ସହ ସାଉଥ୍ ସୁପରଷ୍ଟାର ଯଶଙ୍କ ବହୁପ୍ରତୀକ୍ଷିତ ଆକ୍ସନ ଫିଲ୍ମ 'ଟକ୍ସିକ: ଏ ଫେଇରୀ ଟେଲ୍ ଫର୍ ଗ୍ରୋନ୍-ଅପ୍ସ'ର ଟ୍ରେଲର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଆସନ୍ତା ଅଗଷ୍ଟ ୨୬ ତାରିଖରେ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବାକୁ ଥିବାବେଳେ, ଏହାର ୧୮ ଦିନ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୮ ତାରିଖରେ ସାରା ବିଶ୍ୱରେ ଟ୍ରେଲରଟି ମୁକ୍ତିଲାଭ କରିବ। ନିକଟରେ ପ୍ରକାଶିତ ପୋଷ୍ଟରରେ ଯଶ ବର୍ଷାରେ ଠିଆ ହୋଇ ବନ୍ଧୁକ ଧରିଥିବା ଏକ ଶକ୍ତିଶାଳୀ ରୂପରେ ନଜର ଆସିଛନ୍ତି।

ଗୀତୁ ମୋହନଦାସଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରଟି କନ୍ନଡ ଓ ଇଂରାଜୀ ଭାଷାରେ ମୂଳ ଭାବେ ତିଆରି ହୋଇଛି ଏବଂ ଏହାକୁ ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟଲମ ଭାଷାରେ ମଧ୍ୟ ମୁକ୍ତିଲାଭ କରାଯିବ। ଗୋଆର ପୃଷ୍ଠଭୂମିରେ ୧୯୪୦ ରୁ ୧୯୭୦ ଦଶକ ମଧ୍ୟରେ ଘଟିଥିବା ନିଶାକାରବାର କାର୍ଟେଲର କାହାଣୀକୁ ନେଇ ଏହା ଆଧାରିତ। ଏଥିରେ ଯଶ ଦ୍ୱିପାକ୍ଷିକ ଭୂମିକାରେ ଅଭିନୟ କରିବା ସହ ନିର୍ଦ୍ଦେଶିକାଙ୍କ ସହିତ ସ୍କ୍ରିପ୍ଟ ମଧ୍ୟ ଲେଖିଛନ୍ତି। କର୍ଣ୍ଣାଟକର ରାଜଧାନୀରେ ଏହି ଫିଲ୍ମର ବିଶାଳ ଟ୍ରେଲର ଉନ୍ମୋଚନ ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଛି, ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହକୁ ଦ୍ୱିଗୁଣିତ କରିଦେଇଛି।



Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ